## ସଂକ୍ଷେପରେ

### ପ୍ରତାରଣା ଅଭିଯୋଗ, ପ୍ରେମିକ ଗିରଫ

**ଛେଣ୍ଡିପଦା,୧୮।୪(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳରେ ପ୍ରେମିକର ପ୍ରତାରଣା ପରେ ପ୍ରେମିକା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, ଥାନା ଅଞ୍ଚଳର ରିପନ ଦେହୁରୀ ଜଣେ ଯୁବତୀଙ୍କୁ ଭଲ ପାଉଥିଲେ। ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। କିନ୍ତୁ ଗତ ଜାନୁଆରୀ ମାସରେ ରିପୁନ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ଏ କଥା ପ୍ରେମିକା ଜାଣିବା ପରେ ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୭୨/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ପ୍ରେମିକାଙ୍କ ବୟାନକୁ ରେକର୍ଡ କରିବା ସହିତ ପ୍ରେମିକ ରିପନ ଦେହୁରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ତାରିଣୀଙ୍କ ବାର୍ଷିକ ଯାତ୍ରା



**ଛେଣ୍ଡିପଦା,୧୮।୪(ସ୍ୱ.ପ୍ର.):**ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଭଇଁପାଳ ଗ୍ରାମ ନିକଟରେ ଥିବା ତାରିଣୀ ମଣ୍ଡପଠାରେ ପ୍ରତ୍ୟେକ ବର୍ଷପରି ଚଳିତ ବର୍ଷ ମା'ତାରିଣୀଙ୍କ ବାର୍ଷିକ ମହୋତ୍ସବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଭଇଁପାଳ ଓ ଜରିପାଳ ଗ୍ରାମବସୀଙ୍କ ସହଯୋଗରେ ଯାତ୍ରାରେ ମହିଳାମାନଙ୍କ ଦ୍ୱାରା କଳସଯାତ୍ରା କରାଯାଇ ଯଜ୍ଞମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ପ୍ରକାଶ ମାଝି ପୂଜାର୍ଚ୍ଚନା କରିଥିଲେ। ତାରିଣୀ କମିଟି ସଭାପତି ଯୁଗଳ କିଶୋର ମାଝିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷା ସୁମିତ୍ରା ସାହୁ, ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ନଗେନ ପ୍ରଧାନ, ପାତ୍ରପଡାର ପୂର୍ବତନ ସରପଞ୍ଚ ଯୋଗେଶ୍ୱର ସାହୁ, ନୂଆଗାଁର ପୂର୍ବତନ ସରପଞ୍ଚ ସୌଭାଗ୍ୟ ପ୍ରଧାନ, କଣଲୋଇ ସରପଞ୍ଚ ଜନ୍ମେଜୟ ମାଝି ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ମା'ଙ୍କ ଦର୍ଶନ କରିଥିଲେ। ଏହି ମହୋତ୍ସବ ଦେଖିବା ପାଇଁ ଆଖପାଖ ଗ୍ରାମର ବହୁ ଭକ୍ତ ଯୋଗଦେଥିଲେ। ତାରିଣୀ କମିଟି ସଦସ୍ୟ ଭଇଁପାଳ ଗ୍ରାମର ସୁଶାନ୍ତ କୁମାର ମାଝି, ଅମି ବେହେରା, ତରଣୀସେନ ମାଝି, ଜରିପାଳ ଗ୍ରାମର ଅଜିତ କୁମାର ମାଝି, ତପନ କୁମାର ସାହୁ, ସରୋଜ କୁମାର ସାହୁ, ଗିରିଶ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଅବକାରୀ ଚଢ଼ାଉ, ୪ ଗିରଫ



**ବଇଣ୍ଡା,୧୮।୪(ଡି.ଏନ.ଏ.):** ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ସୋମବାର ଆଠମଲ୍ଲିକ ଓ କିଶୋରନଗର ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୮୪ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ଆଠମଲ୍ଲିକ ଥାନା ଟେଣ୍ଟେଇପାଲି ଗ୍ରାମର ମାଗୁଣି ମୁଣ୍ଡା, କିଶୋରନଗର ଥାନା ସାହାଜବାହାଲିର ଆର୍ତ୍ତତ୍ରାଣ ବେହେରା, ଝିଙ୍କିବାହାଲର ସମ୍ବାରୁ ପେଣ୍ଟଇ, ଭାଗୁରୁ ପେଣ୍ଟଇଙ୍କୁ ଗିରଫ କରାଯାଇଛି। ସେମାନେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ଅଧିକାରୀ ବଲବୀର ଗଡନାୟକ, ଆଠମଲ୍ଲିକ ଅବକାରୀ ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି ଚଢାଉ କରିଥିଲେ।

# ସପ୍ତାହେ ହେଲା ଜଳୁଛି ଜଙ୍ଗଲ

- ଅନୁଗୋଳ ଜିଲାର ବିଭିନ୍ନ ରେଞ୍ଜରେ ନିଆଁ
- ସମ୍ପୂର୍ଣ୍ଣ ଆୟତ୍ତ କରିପାରୁନି ବନ ବିଭାଗ
- ନଷ୍ଟ ହେଉଛି ବନ୍ୟ ସମ୍ପଦ, ବଢ଼ୁଛି ତାତି



**ମାଧପୁର/ ଅନୁଗୋଳ ଅଫିସ,୧୮।୪**

ଅନୁଗୋଳ ଜିଲାରେ ବ୍ୟାପୁଛି ଜଙ୍ଗଲ ନିଆଁ। ଗୋଟିଏ ପରେ ଗୋଟିଏ ରେଞ୍ଜ ଅଞ୍ଚଳରେ ନିଆଁ ଲାଗି ବହୁ ମୂଲ୍ୟବାନ ବନ୍ୟ ସମ୍ପଦ ନଷ୍ଟ ହେଉଥିବା ବେଳେ ଜୀବଜନ୍ତୁଙ୍କ ଜୀବନହାନି ଘଟୁଛି। ଆଠମଲ୍ଲିକ ବନଖଣ୍ଡ ମାଧପୁର ବନାଞ୍ଚଳର ତଲେଇପଥର ଜଙ୍ଗଲରେ ଲାଗିଥିବା ନିଆଁ ସପ୍ତାହେ ହେଲା ଜଳୁଛି। ଏହାକୁ ସମ୍ପୂର୍ଣ୍ଣ ଆୟତ୍ତ କରିବାରେ ବନ ବିଭାଗ ବିଫଳ ହୋଇଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ସେହିପରି ଅନୁଗୋଳ ବନଖଣ୍ଡର କେତେକ ଜଙ୍ଗଲ ଜଳୁଥିବା ଖବର ମିଳିଛି।

ଆଠମଲ୍ଲିକ ଅଞ୍ଚଳକୁ ପ୍ରାୟ ୪୮% ଜଙ୍ଗଲ ଘେରି ରହିଛି। ଏଠାକାର ଜଙ୍ଗଲର ଆହୁରି ଅଭିବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଉଦ୍ୟମ ଜାରି ରହିଛି। ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଗ୍ରୀଷ୍ମ ଋତୁରେ ଲାଗୁଥିବା ନିଆଁ ଅଭିବୃଦ୍ଧି ଉଦ୍ୟମରେ ବାଧକ ସାଜୁଛି। ବନ ବିଭାଗର ଦାୟିତ୍ୱହୀନତା ଯୋଗୁ ନିଆଁକୁ ଆୟତ୍ତ କରାଯାଇପାରୁ ନ ଥିବା କୁହାଯାଉଛି। ମାଧପୁର ବନାଞ୍ଚଳର ତଲେଇପଥର ଜଙ୍ଗଲ ୭ ଦିନ ହେଲା ଜଳୁଛି। ନିଆଁ ଲିଭାଯିବା ସହ ଏହା ପଛର କାରଣ ଖୋଜିବାରେ ବନ ବିଭାଗ ଏକପ୍ରକାର ବିଫଳ ହୋଇଥିବା ଚର୍ଚ୍ଚା ହେଉଛି। ଜଙ୍ଗଲ ନିଆଁ ରୋକିବା ଦିଗରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଜାରି ରହିଥିଲେ ମଧ୍ୟ କେତେଜଣ ଗାଈ ଚରାଳି, ମହୁଲ ଗୋଟାଳି ଜଙ୍ଗଲରେ ନିଆଁ ଲଗାଇ ଦେଉଥିବା ଅନେକ ସମୟରେ ଅଭିଯୋଗ ହେଉଛି। ତେଣୁ ଏମାନଙ୍କୁ ସଚେତନ କରିବା ଦିଗରେ ଅଧିକ ଉଦ୍ୟମ କରାଯିବା ସହ ତୁରନ୍ତ ତଲେଇପଥର ଜଙ୍ଗଲରେ ନିଆଁ ଲିଭାଇବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ମାଧପୁର ବନାଞ୍ଚଳ ଅଧିକାରୀ ସନ୍ତୋଷ କୁମାର ଭୋଇ କହିଛନ୍ତି, ବନ ବିଭାଗର ଟିମ୍ ନିଆଁ ଲିଭାଇବା ଉଦ୍ୟମ ଜାରି ରଖିଛନ୍ତି। ଆଠମଲ୍ଲିକ ଡିଏଫ୍‌ଓ ଛୁଟିରେ ଥିବାବେଳେ ଅନୁଗୋଳ ଡିଏଫ୍‌ଓ ଆଠମଲ୍ଲିକ ଦାଇତ୍ୱରେ ଓ ଆଠମଲ୍ଲିକ ରେଞ୍ଜର ଛୁଟିରେ ଥିବାରୁ ମାଧପୁର ରେଞ୍ଜର ଆଠମଲ୍ଲିକ ଦାଇତ୍ୱରେ ରହିଥିବା ସୂଚନା ମିଳିଛି। ସେହିପରି ଅନୁଗୋଳ ସଦର ଥାନା ଓ ଟାଉନଥାନା ଅଞ୍ଚଳରେ ଥିବା କେତୋଟି ଗ୍ରାମ୍ୟ ଜଙ୍ଗଲରେ ନିଆଁ ଲାଗିଥିବା ଖବର ମିଳିଛି। ସୋମବାର କୁମଣ୍ଡସ୍ଥିତ ୨ଟି ବାଉଁଶ ବୁଦା ନିଆଁ ଲାଗିଥିବା ଖବରପାଇ ଅନୁଗୋଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଟାଉନ ଥାନା ସାକସିଂହାରେ ଥିବା ଗ୍ରାମ୍ୟ ଜଙ୍ଗଲରେ ସୋମବାର ଅଗ୍ନିକାଣ୍ଡ ଖବରପାଇ ଅନୁଗୋଳ ଅଗ୍ନିଶମ ବାହିନୀ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇଥିଲେ। କ୍ଷୀରୋଦ କୁମାର ସାହୁ, ରଶ୍ମିକାନ୍ତ ଲେଙ୍କା, ରବୀନ୍ଦ୍ର ନାୟକ, ମିଶ୍ର କିଶାନ ପ୍ରମୁଖ ନିଆଁ ଲିଭାଇବାରେ ସାମିଲ ଥିଲେ।

## ବେଲାଦୁଲାରୁ ଦୂର ହେଉଛି ଅନ୍ଧବିଶ୍ୱାସ

**ବଇଣ୍ଡା,୧୮।୪(ଡି.ଏନ.ଏ.)**

### କୋଠାଘରେ ଅଛନ୍ତି ଠାକୁର, ଚାଲିଛି ନାମଯଜ୍ଞ

ଦୀର୍ଘବର୍ଷ ଧରି ଅନ୍ଧବିଶ୍ୱାସର ଶିକାର ହୋଇଥିବା ଆଠମଲ୍ଲିକ ବ୍ଲକ କନ୍ଧପଡା ପଞ୍ଚାୟତ ବେଲାଦୁଲା ଗ୍ରାମରେ ଛାତଘର ନିର୍ମାଣ ହେଉ ନ ଥିଲା। ହେଲେ ଗତବର୍ଷ ପ୍ରଶାସନ ସହଯୋଗରେ ଗାଁ ଲୋକଙ୍କ ମନରୁ ପୂର୍ବ ଅନ୍ଧବିଶ୍ୱାସ ଦୂର କରାଯାଇ ପ୍ରଥମ କରି କୋଠାଘର ନିର୍ମାଣ କରାଯାଇଥିଲା। ପରେ ସେହି କୋଠାଘରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରାଙ୍କ ମୂର୍ତ୍ତିକୁ ରଖାଯାଇ ପୂଜାର୍ଚ୍ଚନା କରାଯାଉଥିବା ବେଳେ ସୋମବାର ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଗ୍ରାମରୁ ୨୭ଟି ଦଳ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ହରିବୋଲ ହୁଳହୁଳିରେ ଗାଁ କମ୍ପି ଉଠିଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ସାଏ, ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଗ୍ରାମର ସୁଦାମ ମେହେର, ଫଗୁରାମ ମେହେର, ଗୁଣନିଧି ମେହେର, ନୀଳାମ୍ବର ମେହେର, ରବୀନ୍ଦ୍ର ମେହେର, ଶ୍ରୀବସ ମାଝି, ସୁଶାନ୍ତ ମେହେର, ବିଭୀଷଣ ମାଝୀ ପ୍ରମୁଖ ସହଯୋଗ କରିଥିଲେ।



ବେଲାଦୁଲା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ।

## ଭଗବତ ସପ୍ତାହ, ବିଶ୍ୱଶାନ୍ତି ମହାଯଜ୍ଞ



କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରୋତାମଣ୍ଡଳୀ।

**ଛେଣ୍ଡିପଦା,୧୮।୪(ସ୍ୱ.ପ୍ର)**

ଛେଣ୍ଡିପଦା ବ୍ଲକ ଶିମିଳିପାଳ ପଞ୍ଚାୟତ ଗ୍ରାମାଞ୍ଚଳ ଆଧାତ୍ମିକ ଚେତନା ସଂଘ ପକ୍ଷରୁ ୭ ଦିନ ବ୍ୟାପୀ ଆୟୋଜିତ ହୋଇଥିବା ଭଗବତ ସପ୍ତାହ, ବିଶ୍ୱଶାନ୍ତି ମହାଯଜ୍ଞ ଓ ଭାଗବତ କଥାମୃତ ପ୍ରବଚନ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ଗ୍ରାମର ମହିଳାମାନଙ୍କ ଦ୍ୱାରା ୧୦୮ କଳସ ଯାତ୍ରା ସହ ମହାଯଜ୍ଞ ଆରମ୍ଭ ହୋଇଥିଲା। ପଣ୍ଡିତ ବିପିନ ପାଣିଗ୍ରାହୀ ସହଯୋଗୀଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ। କର୍ତ୍ତା କାର୍ଯ୍ୟ ପଦ୍ମ ଚରଣ ସାହୁ ଓ ଡାଳିମ୍ବ ସାହୁ ସମ୍ପାଦନ କରିଥିଲେ। ପ୍ରତ୍ୟେକ ସଂଧ୍ୟାରେ ପଣ୍ଡିତ ଅନିଲ କୁମାର ଷଡଙ୍ଗୀ, ସୁବୋଧ ପଣ୍ଡା ଭାଗବତ କଥାମୃତ ପ୍ରବଚନ ଦେଉଥିଲେ। ପ୍ରତ୍ୟେକ ଦିନ ନାମ ସଂକୀର୍ତ୍ତନ ସହ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା। ରବିବାର ଯଜ୍ଞର ପୂର୍ଣ୍ଣାହୂତି ପ୍ରଦାନ କରାଯାଇଥିଲା। ଗ୍ରାମାଞ୍ଚଳ ଆଧାତ୍ମିକ ଚେତନା ସଂଘ ସଭାପତି ଗୋପୀନାଥ ପ୍ରଧାନ, ସମ୍ପାଦକ ମାଗୁଣି ପ୍ରଧାନ, ସହ ସମ୍ପାଦକ ପରେଶ ମାଝି, କୋଷାଧ୍ୟକ୍ଷ ଜଗନ୍ନାଥ ସାହୁ, ସରପଞ୍ଚ ଗିରିଶ ଚନ୍ଦ୍ର ପ୍ରଧାନଙ୍କ ସମେତ ଗ୍ରାମର ପ୍ରଫୁଲ୍ଲ ସାହୁ, ପ୍ରଦୀପ ସାହୁ, ସମୀର ସାହୁ, କାଳିଆ ସାହୁ, ଜୟନ୍ତ ସାହୁ, ରାଜକିଶୋର ସାହୁ, ଗଣେଶ୍ୱର ବେହେରା ସହଯୋଗ କରିଥିଲେ।

# ସଚେତନ କଲେ ୨୫୦ ଛାତ୍ରୀଛାତ୍ର

**ତାଳଚେର,୧୮।୪(ନି.ପ୍ର.)**

ତାଳଚେର ବ୍ଲକ ଦେଉଳବେଡା ଠାରେ ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ଏକ ସାଇକେଲ ମାରାଥନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସବୁଜ ଓ ସ୍ୱଚ୍ଛ ଇନ୍ଧନ ପାଇଁ ସାଇକେଲ ଚଳାଇବାର ମହତ୍ତ୍ୱ ସମ୍ପର୍କରେ ସଚେତନତା ବାର୍ତ୍ତା ନେଇ ଏହି ସାଇକେଲ ମାରାଥନ୍ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦେଉଳବେଡା ଶିଶୁ ମନ୍ଦିର, ମଡେଲ ହାଇସ୍କୁଲ, ଯୁବରାଜ ହାଇସ୍କୁଲ, ତାଳଚେର କଲେଜ ଏବଂ ଡିଏଭି ପବ୍ଲିକ୍ ସ୍କୁଲର ୨୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଦେଉଳବେଡା ଦୁର୍ଗାମଣ୍ଡପ ଠାରୁ ଶର୍ମାଛକ, ହାଟତୋଟା ମାର୍କେଟ, କୋର୍ଟ ଛକ ଦେଇ ଦେଉଳବେଡା ପର୍ଯ୍ୟନ୍ତ ପ୍ଲାକାର୍ଡ ଧରି ସାଇକେଲ ଶୋଭାଯାତ୍ରରେ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋ ନିର୍ବାହୀ ନିର୍ଦ୍ଦେଶକ ଏ.ପି. ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଜିଏମ୍ ଏସ୍.ଏନ୍. ସାହୁ, ଏଚ୍‌ପିସିଏଲ୍‌ର ମୁଖ୍ୟ ପରିଚାଳକ ଫାଇନାନ୍ସ ବିଶ୍ୱଜିତ ପାତ୍ର, ଏରିଆ ସେଲ୍ସ ମ୍ୟାନେଜର ବିଦ୍ୟୁତଲତା ବେଶ୍ରା, ଆସିଷ୍ଟାଣ୍ଟ ସେଲ୍ସ ମ୍ୟାନେଜର ଇନ୍ଦ୍ରନିଲ୍ ବାନାର୍ଜୀ, ସିନିୟର ସେଲ୍ସ ମ୍ୟାନେଜର ଗୌରବ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଇନଚାର୍ଜ ଭାବେ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଅଶୋକ ସିଂ ଏବଂ ପ୍ରଦୀପ ଦଳବେହେରା ପ୍ରମୁଖ ପରିଚାଳନା କରିଥିଲେ।



ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ବାହାରିଛନ୍ତି।

# ୨୯ରେ କ୍ରିୟାନୁଷ୍ଠାନ କମିଟିର ଗଣଧାରଣା

**ତାଳଚେର,୧୮।୪(ନି.ପ୍ର.)**

ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆହ୍ୱାନ କ୍ରମେ ଏକ ବୈଠକ ସ୍ଥାନୀୟ ପ୍ରେସ କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି। ମେଡିକାଲ କଲେଜକୁ ସରକାରୀ ପରିଚାଳନାରେ କାର୍ଯ୍ୟକ୍ଷମ କରିବା, ଚଳିତବର୍ଷ ଠାରୁ ନାମଲେଖା ପ୍ରକ୍ରିୟା ଆରମ୍ଭ କରିବା ଏବଂ ସରକାରୀ ବଦଳରେ ଘରୋଇ କମ୍ପାନୀମାନଙ୍କୁ ମେଡିକାଲ୍ କଲେଜ ଟେକି ଦେବା ପ୍ରକ୍ରିୟା ବନ୍ଦ କରିବା ଦାବିରେ ଆସନ୍ତା ୨୯ ତାରିଖରେଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯିବ। ଏହାକୁ ସଫଳ କରିବା ପାଇଁ ପୂର୍ବତନ ନଗରପାଳ କେଶବ ଭୂତିଆଙ୍କ ସଭାପତିତ୍ୱରେ ବୈଠକରେ ଆବାହକ ପଦ୍ମଚରଣ ସାହୁ, ଓକିଲ ସଂଘ ସଭାପତି ସନ୍ତୋଷ ସାହୁ, ସାମ୍ବାଦିକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ବସ ମାଲିକ ସଂଘ ସଭାପତି ଶ୍ରୀକାନ୍ତ ପାଣି, ପବ୍ଲିକ ସର୍ଭିସ ୟୁନିଟ ସଭାପତି ଦେବୀ ମିଶ୍ର, ଡ. ରଶ୍ମୀରଞ୍ଜନ ମିଶ୍ର, ଦିଗାମ୍ବର ଗଡନାୟକ, ଦେବାଶିଷ ଘୋଷ, ଭବେଶ ମିଶ୍ର, ପ୍ରଫୁଲ୍ଲ ନାଏକ, ମାନସି ସ୍ୱାଇଁ, ନିଲମ ଲାଲ, ଭୂପେନ ଥମ୍ୱ, ବାପି ମହାନ୍ତି, ଭିକାରୀ ପ୍ରଧାନ, ଭଗବାନ ପ୍ରଧାନ, ଦୟାସାଗର ମିଶ୍ର, ରଞ୍ଜିତ ମହାପାତ୍ର, ଅରୁଣ କୁମାର ପ୍ରଧାନ, ମନୋଜ ମହାପାତ୍ର, ସରୋଜ ଧର, ବିନୋଦ ଲାଲ, ପ୍ରେମାନନ୍ଦ ମହାନ୍ତି, ସୁଶୀଳ ନାଏକ, ବିଭୂତି ବିଶ୍ୱାଳଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।



ବୈଠକରେ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଅଛନ୍ତି।

## କର୍ମଚାରୀଙ୍କ ମୃତ୍ୟୁ ନେଇ କଲେଜରେ ଶୋକ

**ବଇଣ୍ଡା,୧୮।୪(ଡି.ଏନ.ଏ.)**



କିଶୋରନଗର ଯୁକ୍ତ୨ କଲେଜ କିରାଣି ଜୀବନାନନ୍ଦ ପ୍ରଧାନ(୫୬)ଙ୍କ ରବିବାର ରାତିରେ କଟକ ବଡ ମେଡିକାଲରେ ମୃତ୍ୟୁ ହୋଇଛି। ଜୀବନାନନ୍ଦ କିଛିଦିନ ତଳେ ହିମିତିରା ଗ୍ରାମକୁ ଆସୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କୁ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହେଉଥିବାବେଳେ ରବିବାର ରାତିରେ ମୃତ୍ୟୁ ହୋଇଥିଲା। ତାଙ୍କ ବିୟୋଗରେ କିଶୋରନଗର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୋମବାର ଏ ନେଇ ଯୁକ୍ତ ୨ କଲେଜ ପରିସରରେ ଏକ ଶୋକସଭା ଅଧ୍ୟକ୍ଷ ଶ୍ୟାମଲାଲ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ତାଙ୍କ ବିୟୋଗରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ରମାନେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ।

## ପାଇପ୍ ମରାମତି କଲା ପ୍ରଶାସନ

**ମାଧପୁର,୧୮।୪(ଡି.ଏନ.ଏ.)**

ଧରିତ୍ରୀ ପ୍ରଭାବ

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତର କୁନ୍ଦନାଳୀ ଗ୍ରାମକୁ ନିକଟସ୍ଥ କନ୍ଧପଡା ପାନୀୟ ଜଳ ପ୍ରକଳ୍ପରୁ ଯାଇଥିବା ପାଇପ୍ ଫାଟିଯିବା କାରଣରୁ ୨ ଦିନ ହେଲା ପିଇବା ପାଣି ବିଲରେ ମାଡୁଥିଲା। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏ ନେଇ ସୋମବାର 'ପାଇପ୍ ଫାଟି ବିଲରେ ମାଡୁଛି ପାନୀୟ ଜଳ' ଶୀର୍ଷକ ଖବର 'ଧରିତ୍ରୀ'ରେ ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ସୋମବାର ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେଇ କୁମୁସିଆସାହି ନିକଟରେ ଫାଟି ଯାଇଥିବା ପାଇପ୍‌କୁ ମରାମତି କରିଛନ୍ତି। ଫଳରେ କୁନ୍ଦନାଳୀ ଗ୍ରାମକୁ ପାଇପ୍ ପାଣି ପୁଣି ସଂଯୋଗ ହୋଇପାରିଛି ଓ ଗ୍ରାମବାସୀ ପିଇବା ପାଣି ପାଇପାରିଛନ୍ତି। ଏ ନେଇ ଗ୍ରାମବାସୀ 'ଧରିତ୍ରୀ'କୁ ଧନ୍ୟବାଦ ଦେଇଛନ୍ତି।



ଫାଟି ଯାଇଥିବା ପାଇପ୍ ମରାମତି କରାଯାଇଛି।

# ଲୋକନୃତ୍ୟରେ ଦୁଲୁକିଲା ମଞ୍ଚ



ପାରମ୍ପରିକ ମଣିପୁରୀ ନୃତ୍ୟ ପରିବେଷଣ କରାଯାଉଛି।

**ତାଳଚେର,୧୮।୪(ନି.ପ୍ର.)**

### ହିଙ୍ଗୁଳା ଲୋକ ମହୋତ୍ସବ

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ନବଦିନାତ୍ମକ ଯାତ୍ରା ଓ ୧୮ତମ ଲୋକ ମହୋତ୍ସବ ଜାରି ରହିଛି। ଦୈନିକ ମା'ଙ୍କ ଏହି ସ୍ୱତନ୍ତ୍ର ପୂଜା ଦେଖିବାକୁ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ସେହିପରି ଲୋକ ମହୋତ୍ସବରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବାକୁ ସନ୍ଧ୍ୟାରେ ଦର୍ଶକଙ୍କ ଭିଡ଼ ବଢୁଛି। ମହୋତ୍ସବର ତୃତୀୟ ସନ୍ଧ୍ୟାକୁ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ତାଳଚେର ଉପଜିଲାପାଳ ତଥା ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ବିଶ୍ୱରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଲିଙ୍ଗରାଜ କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅଶୋକ କୁମାର ଧଳ, ତାଳଚେର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ମୁରାରୀ ମିଶ୍ର ଓ କେନ୍ଦ୍ରୀୟ କର୍ମଶାଳାର ମହାପ୍ରବନ୍ଧକ ଅଶ୍ୱିନୀ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଏମ୍‌ପି ସାହୁ ମନ୍ଦିରର ଉନ୍ନତୀକରଣ ପାଇଁ ସ୍ଥାନୀୟ ପ୍ରଶାସନ, ବିଧାୟକ, ଟ୍ରଷ୍ଟ ବୋର୍ଡ, ଏମ୍‌ସିଏଲ୍ ସମେତ ସମସ୍ତ ବଦାନ୍ୟ ଜନସାଧାରଣ ଓ ସଂସ୍ଥାଗୁଡିକୁ ଧନ୍ୟବାଦ ଦେଇଥିଲେ। ଏହାସହ ତାଳଚେରରେ ସ୍ୱତନ୍ତ୍ର କୋଇଲା କମ୍ପାନୀ ସ୍ଥାପନ ହେଲେ ଖଣି କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ସମେତ ତାଳଚେରର ଅର୍ଥନୈତିକ ବିକାଶ ସମ୍ଭବ ହେବ ବୋଲି କହିଥିଲେ। ଏହି ଅବସରରେ ବଳରାମ ଟ୍ରକ୍ ମାଲିକ ସଂଘ ପକ୍ଷରୁ ମା ହିଙ୍ଗୁଳାଙ୍କ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ୮ ଲକ୍ଷ ୧୨ ହଜାର ୨୧୨ ଟଙ୍କାର ଏକ ଚେକ୍ ଉପଜିଲାପାଳ ରଥଙ୍କୁ ପ୍ରଦାନ କରାଯାଇଥିଲା। ଟ୍ରଷ୍ଟ ବୋର୍ଡ ପକ୍ଷରୁ ବଳରାମ ଟ୍ରକ୍ ମାଲିକ ସଂଘର ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ତାଳଚେର ଭରତପୁର ବ୍ରାହ୍ମଣୀ ଡ୍ୟାନ୍ସ ଗ୍ରୁପର କଳାକାରମାନେ ମରାଠା ଓ କଶ୍ମୀର ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ବିମୋହିତ କରିଦେଇଥିଲେ। ସେହିପରି କଟକ କଳା ବିକାଶ କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ଗଣେଶ ବନ୍ଦନା, ଲକ୍ଷ୍ମୀ ନୃସିଂହ ଅବତାର, ଦୁର୍ଗା ତାଣ୍ଡବ ନୃତ୍ୟ ପରିବେଷଣ କରାଯାଇଥିଲା। ନଟରାଜ ଡ୍ୟାନ୍ସ ଏକାଡେମୀ କଳାକାରମାନଙ୍କ ଦ୍ୱାରା ନବଦୁର୍ଗା, ହୋ ଶମ୍ଭୁ ଆଦି ନୃତ୍ୟ ସହ ପାରମ୍ପରିକ ମଣିପୁରୀ ନୃତ୍ୟ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ଏହି କାର୍ଯ୍ୟକ୍ରମକୁ ସଞ୍ଜୀବ ପଟ୍ଟନାୟକ ଓ ଲକ୍ଷ୍ମୀପ୍ରିୟା ସେନାପତି ପରିଚାଳନା କରିଥିଲେ। ଟ୍ରଷ୍ଟ ବୋର୍ଡର ବରିଷ୍ଠ ସଦସ୍ୟ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ସଞ୍ଜୟ କୁମାର ସାହୁ, ମୁରଲୀଧର ସାହୁ, ଗଗନ ସାହୁଙ୍କ ସମେତ ଧୂଳେଶ୍ୱର ବେହେରା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ତୃତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ।

## ସଂକ୍ଷେପରେ

### ଶିକ୍ଷୟିତ୍ରୀଙ୍କ ବଦଳିକୁ ବିରୋଧ

**ଅନୁଗୋଳ ଅଫିସ,୧୮।୪:** ଅନୁଗୋଳ ଜିଲା ବଣ୍ଟାରପାଳ ବ୍ଲକ ନୂଆହତା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଧରିତ୍ରୀ ସାହୁଙ୍କ ବଦଳିକୁ ନେଇ ଅଭିଭାବକମାନେ ବିରୋଧ କରିଛନ୍ତି। ସ୍ଥାନୀୟ ଅଭିଭାବକ କହିଛନ୍ତି, ଧରିତ୍ରୀ ସାହୁ ଛାତ୍ରୀଛାତ୍ରଙ୍କୁ ଭଲ ପଢ଼ାଉଛନ୍ତି। ଏବେ ପିଲାଙ୍କ ପରୀକ୍ଷା ଚାଲିଥିବାରୁ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯିବା ଉଚିତ ନୁହେଁ ବୋଲି ଜିଲା ପ୍ରଶାସନଙ୍କୁ କୁହାଯାଇଥିଲା। କିନ୍ତୁ କୌଣସି କାରଣ ନ ଦର୍ଶାଇ ହଠାତ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଉଛି। ଏ ନେଇ ଜାଣିବା ପରେ ଅଭିଭାବକମାନେ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏଥିସହ ପରୀକ୍ଷା ନ ସରିବା ଯାଏ ବଦଳି ରୋକିବାକୁ ଅନୁରୋଧ କରିଥିବା ଜଣାଯାଇଛି।

### ଡକାୟତି ଯୋଜନା ପଣ୍ଡ, ୩ ଗିରଫ

**ଅନୁଗୋଳ ଅଫିସ,୧୮।୪:** ଅନୁଗୋଳ ସଦର ଥାନା ପୋଲିସ ରବିବାର ବିଳମ୍ବିତ ରାତିରେ ରନ୍ତଲୋଇ ମା' ସାତଭଉଣୀ ମନ୍ଦିର ନିକଟରୁ ଡକାୟତି ଯୋଜନା କରୁଥିବା ୩ ଜଣଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ସଦର ଥାନା ପରତରା ଗାଁର ଗୋପୀ ଓରଫ ଗୋପୀନାଥ ନାଏକ(୩୭), କୁଶାସିଂହା ଗାଁର ତପ ଓରଫ ପୁରୁଷୋତ୍ତମ ଭୂତିଆ(୩୦), ତଳଗଡ଼ ଗାଁର ସୁରେନ୍ଦ୍ର ନାଏକ(୨୩), ଜରାସିଂହା ଗାଁର କାଳିଆ ବେହେରା(୨୯) ଓ ଛେଳିଆପଡ଼ା ଗାଁର ବୁବୁ ଓରଫ ଭବାନୀ ଶଙ୍କର ଭଞ୍ଜ ଏକ ସ୍କର୍ପିଓ, ୨ଟି ବାଇକରେ ଆସି ବିଳମ୍ବିତ ରାତିରେ ମା' ସାତଭଉଣୀ ମନ୍ଦିର ନିକଟରେ ବସି ଡକାୟତି ଯୋଜନା କରୁଥିଲେ। ରାତି ପାଟ୍ରୋଲିଂ କରୁଥିବା ପୋଲିସ ସେମାନଙ୍କ ମଧ୍ୟରୁ ଗୋପି, ତପ ଓ ସୁରେନ୍ଦ୍ରଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଅନ୍ୟ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଏୟାରଗନ୍, ୪ ମୋବାଇଲ ଫୋନ୍, ୨ ବାଇକ୍ ଜବତ କରି ପୋଲିସ ତଦନ୍ତ ଚଳାଇଛି।

### ଚିକିତ୍ସାଧୀନ କଏଦୀ ମୃତ

**ଅନୁଗୋଳ ଅଫିସ,୧୮।୪-** ବଳାତ୍କାର ଓ ହତ୍ୟା ମାମଲାରେ ଦୀର୍ଘ ୨୨ବର୍ଷ ଧରି ସଜା କାଟୁଥିବା ଅନୁଗୋଳର ବହୁଚର୍ଚ୍ଚିତ ଲିଜାରାଣୀ ହତ୍ୟାକାଣ୍ଡର ଅଭିଯୁକ୍ତ ଅମିତାଭ ଦାସଙ୍କ ମୃତ୍ୟୁ ହୋଇଛି। ଦୀର୍ଘଦିନ ଧରି ସେ କର୍କଟ ରୋଗରେ ପୀଡିତ ଥିଲେ। ଗତ ୬ ମାସ ଧରି କଟକ ଆଚାର୍ଯ୍ୟ ହରିହର ଆଞ୍ଚଳିକ କର୍କଟ କେନ୍ଦ୍ରରେ ଚିକିତ୍ସିତ ହେଉଥିବାବେଳେ ସୋମବାର ତାଙ୍କର ମୃତ୍ୟୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଚୌଦ୍ୱାର ଜେଲର୍ ଭୁବେନ୍ଦ୍ର ଭୂୟାଁ ପ୍ରକାଶ କରିଛନ୍ତି। ୨୦୦୦ ମସିହା ଅକ୍ଟୋବର ୨୩ରେ ଅନୁଗୋଳରେ ଲକ୍ଷ୍ମୀପୂଜା ସମୟରେ ପୋଷ୍ଟ ଅଫିସ୍ ନିକଟ କ୍ୱାର୍ଟରରେ ଲିଜାରାଣୀ ଏକୁଟିଆ ଥିବାବେଳେ ତାଙ୍କୁ ୩ଜଣ ଦୁର୍ବୃତ୍ତ ବଳାତ୍କାର କରିଥିଲେ। ପରେ ତାଙ୍କୁ ପୋଡି ମାରି ଦେଇଥିଲେ। ଏ ଘଟଣାରେ ଗିରଫ ୩ ଅଭିଯୁକ୍ତଙ୍କ ମଧ୍ୟରୁ ଅମିତାଭ ଚୌଦ୍ୱାର ଜେଲରେ ରହି ଆସୁଥିଲା।

# ହାଟ କରୁଛି ହଟହଟା



ହାଟ ଯୋଗୁ ଖମାର-ରେଙ୍ଗାଲି ରାସ୍ତାରେ ଭିଡ଼ ।

**ଖମାର,୧୮।୪(ଡି.ଏନ.ଏ.)**

■ ରାସ୍ତାରେ ବଢ଼ୁଛି ଦୁର୍ଘଟଣା ଆଶଙ୍କା

■ ପ୍ରତିଶ୍ରୁତି ରଖିଲାନି ପଞ୍ଚାୟତ ପ୍ରଶାସନ

ପାଲଲହଡ଼ା ବ୍ଲକ ଖମାର ବଜାର ରାସ୍ତା ପାର୍ଶ୍ୱରେ ସୋମବାରିଆ ବସୁଥିବା ସାପ୍ତାହିକ ହାଟ ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ଚାଲୁଛି। ଏଥିଯୋଗୁ ବେପାରୀ, ଗ୍ରାହକ ଓ ରାସ୍ତାରେ ଯାତାୟାତ କରୁଥିବା ଜନସାଧାରଣଙ୍କୁ ହଟହଟା ହେବାକୁ ପଡୁଛି। ଅନେକ ସମୟରେ ରାସ୍ତା ଜାମ୍ ହେଉଥିବା ବେଳେ ଦୁର୍ଘଟଣା ଆଶଙ୍କା ସର୍ବଦା ଲାଗି ରହୁଛି। ପ୍ରଶାସନ ପକ୍ଷରୁ ଏ ନେଇ କିଛି ବିକଳ୍ପ ବ୍ୟବସ୍ଥା କରାଯାଉ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ଦୀର୍ଘ ବର୍ଷ ଧରି ପୁରୁଣା ହାଟ ପଡ଼ିଆରେ ହାଟ ବସୁଥିଲା। କିନ୍ତୁ ଖମାର ପଞ୍ଚାୟତ ତରଫରୁ ପୁରୁଣା ହାଟ ପଡ଼ିଆରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ବଳକା ଜାଗାରେ ଆଗାମୀ ଦିନରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବାର ପ୍ରସ୍ତାବ ରହିଛି। ଏଥିପାଇଁ ୨ବର୍ଷ ତଳେ ତତ୍କାଳୀନ ସରପଞ୍ଚ ଓ ପ୍ରଶାସନ ସାପ୍ତାହିକ ହାଟକୁ ଅସ୍ଥାୟୀ ଭାବେ ଖମାର- ରେଙ୍ଗାଳି ମୁଖ୍ୟ ରାସ୍ତା କଡ଼କୁ ଉଠାଇ ଦେଇଥିଲେ। ନୂତନ ହାଟ ପଡ଼ିଆ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୨ ବର୍ଷ ପରେ ମଧ୍ୟ ସ୍ଥାୟୀ ହାଟ ପାଇଁ କୌଣସି ସୁବିଧା ପ୍ରଶାସନ ତରଫରୁ ହୋଇପାରିନାହିଁ। ଫଳରେ ରାସ୍ତା ପାର୍ଶ୍ୱରେ ଖମାର ଛକ ଠାରୁ ମୁଣ୍ଡକାଟି ପୋଲ ପର୍ଯ୍ୟନ୍ତ ହାଟରେ ବେପାରୀମାନେ ବସି ପରିବା ବିକ୍ରି କରୁଛନ୍ତି। ଏହି ହାଟ ଉପରେ ଆଖ ପାଖ ଅଞ୍ଚଳର ପ୍ରାୟ ୧୦୦ରୁ ଅଧିକ ଗ୍ରାମବାସୀ ନିର୍ଭର କରନ୍ତି। ହାଟ ପାଳି ଦିନ ପ୍ରବଳ ଭିଡ଼ ହେଉଛି। ପାର୍କିଂ ସୁବିଧା ନ ଥିବାରୁ ବେପାରୀ ଓ ଗ୍ରାହକ ରାସ୍ତା ପାର୍ଶ୍ୱରେ ଗାଡି ରଖୁଛନ୍ତି। ଏହା ଭିଡ଼କୁ ଅଧିକ ବଢ଼ାଇ ଦେଇଛି। ଏହି କାରଣରୁ ୧୪୯ ନଂ. ଜାତୀୟ ରାଜପଥ ମଧ୍ୟ ଘଣ୍ଟା ଘଣ୍ଟା ଧରି ଜାମ ରହୁଛି। ବେଳେ ବେଳେ ଦୁର୍ଘଟଣା ମଧ୍ୟ ଘଟୁଥିବା ଦେଖାଯାଉଛି। ଏହି ରାସ୍ତା ଦେଇ ସ୍କୁଲ, କଲେଜକୁ ଛାତ୍ରୀଛାତ୍ରମାନେ ଯାଉଥିବାବେଳେ ମେଡିକାଲକୁ ରୋଗୀମାନେ ଯାଉଛନ୍ତି। କିନ୍ତୁ ଟ୍ରାଫିକ ଜାମ୍ ଯୋଗୁ ସେମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାର ସ୍ଥାୟୀ ସମାଧାନ ହେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

**ଅଟକି ରହୁଛି ଆମ୍ବୁଲାନ୍ସ**



"ରାସ୍ତା କଡରେ ହାଟ ବସୁଥିବାରୁ ରୋଗୀଙ୍କୁ ନେଇ ଯାଉଥିବା ୧୦୮ ଆମ୍ବୁଲାନ୍ସ ବେଳେବେଳେ ଅଟକି ଯାଉଛି। ସ୍କୁଲ, କଲେଜକୁ ଯିବାକୁ ଛାତ୍ରଛାତ୍ରୀ ହଇରାଣ ହେଉଛନ୍ତି। ହାଟକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଦିଗରେ ପଦକ୍ଷେପ ନିଆଯିବା ଆବଶ୍ୟକ।

-ପୀତାମ୍ବର ନାୟକ, ଆଇନଜୀବୀ, ପାଲଲହଡ଼ା

**ରାଜପଥ ମଧ ଜାମ୍ ହେଉଛି**



"ଖମାର-ରେଙ୍ଗାଲି ମୁଖ୍ୟ ରାସ୍ତା ପାର୍ଶ୍ୱରେ ବସୁଥିବା ହାଟ ସ୍ଥାନରୁ ୧୪୯ନଂ. ଜାତୀୟ ରାଜପଥ ମାତ୍ର ୫୦ ମିଟର ଦୂର। ହାଟ କାରଣରୁ ରାଜପଥରେ ମଧ ଗହଳି ରହୁଛି। ରାସ୍ତା ଉପରେ ଗାଡ଼ି ପାର୍କିଂ ଯୋଗୁ ଯାତାୟାତ ଆହୁରି କଷ୍ଟକର ହୋଇପଡୁଛି।

-ରମାକାନ୍ତ ତ୍ରିପାଠୀ, ସ୍ଥାନୀୟ ବାସିନ୍ଦା

**ଖରାରେ ବସୁଛନ୍ତି ବେପାରୀ**



"ପଞ୍ଚାୟତ ପ୍ରଶାସନ ପ୍ରତିଶ୍ରୁତି ରଖି ନ ଥିବାରୁ ୨ବର୍ଷ ହେଲା ସ୍ଥାୟୀ ହାଟ ବ୍ୟବସ୍ଥା ହୋଇପାରିଲାନି। ଫଳରେ ପ୍ରବଳ ଖରାରେ ବସୁଥିବା ବେପାରୀ ଓ ଆସୁଥିବା ଗ୍ରାହକମାନଙ୍କୁ ଅଂଶୁଘାତ ଭୟ ରହୁଛି। ତୁରନ୍ତ ପ୍ରଶାସନ ଏ ନେଇ ବ୍ୟବସ୍ଥା କରୁ।

-ଗୋପବନ୍ଧୁ ସାହୁ, ସ୍ଥାନୀୟ ବାସିନ୍ଦା

# ପ୍ରଚାର ଅଭିମୁଖେ ବାହାରିଲା ରଥ

**ପରଜଙ୍ଗ,୧୮।୪(ଡି.ଏନ.ଏ)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ସମଗ୍ର ଶିକ୍ଷା ଢେଙ୍କାନାଳ ଆନୁକୂଲ୍ୟରେ ପରିଚାଳିତ ଓ ବ୍ଲକ ଶିକ୍ଷା ବିଭାଗ ତତ୍ତ୍ୱାବଧାନରେ ଆୟୋଜିତ ଶିକ୍ଷା ସଚେତନତା ରଥ ସୋମବାର ପରଜଙ୍ଗ ମହେଶଚନ୍ଦ୍ର ସୁବାହୁସିଂହ ନୋଡାଲ ବିଦ୍ୟାପୀଠ ପରିସରରେ ଲୋକାର୍ପିତ ହୋଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୋଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଥକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ହରିହର ଦେହୁରୀ, ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପରିଡା, କ୍ଲଷ୍ଟର, ସିଆର୍‌ସି ପ୍ରମୁଖ ପତାକା ଦେଖାଇବା ପରେ ରଥ ପ୍ରଚାର ଅଭିମୁଖେ ବାହାରିଥିଲା। ୬ ରୁ ୧୪ ବର୍ଷ ପିଲା ବିଦ୍ୟାଳୟକୁ ନିୟମିତ ଆସିବା, ମଧ୍ୟାହ୍ନଭୋଜନ ସମୟରେ ନିୟମ ମାନିବା ଦିଗରେ ଉପସ୍ଥିତ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ବିଇଓ ଦେହୁରୀ ଭାଷଣ ପ୍ରସଙ୍ଗରେ ସଚେତନ କରିଥିଲେ। ଉଦ୍‌ଘାଟନ ସମାରୋହରେ ପରଜଙ୍ଗ କ୍ଲଷ୍ଟର ଜ୍ୟୋସ୍ନାମୟୀ ଦାସ, ସିଆରସିସି ସୁଶାନ୍ତ ସେଠୀ, ଗୋପବନ୍ଧୁ ସାହୁଙ୍କ ସମେତ ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଉକ୍ତ ସଚେତନତା ରଥ ୫ଦିନ ଧରି ଚାଲିବ। ପ୍ରତ୍ୟେକ ଗ୍ରାମକୁ ଯାଇ ଶିକ୍ଷା ସମ୍ବନ୍ଧୀୟ ଜନସଚେତନ କରାଇବା ଏହାର ମୂଳ ଲକ୍ଷ୍ୟ।



ଶିକ୍ଷା ରଥକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ବଦଳିକୁ ବିରୋଧ କରି ବିଦ୍ୟାଳୟରେ ତାଲା

**ଭୁବନ,୧୮।୪(ଡି.ଏନ.ଏ)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ବାଲିବୋ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁଧାଂଶୁ ବେହେରାଙ୍କ ଅନ୍ୟତ୍ର ବଦଳିକୁ ବିରୋଧ କରି ଅଭିଭାବକମାନେ ଶନିବାର ଠାରୁ ସୋମବାର ଯାଏ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଅଧିକ ଥିବାବେଳେ ଶିକ୍ଷା ବିଭାଗ ପକ୍ଷରୁ ନିକଟସ୍ଥ ଉଚ୍ଚ ବିଦ୍ୟାଳୟକୁ ସମ୍ପୃକ୍ତ ଶିକ୍ଷକଙ୍କୁ ଅସ୍ଥାୟୀ ଭାବେ ସ୍ଥାନାନ୍ତରିତ ହୋଇଥିଲା। ଏ ସମ୍ପର୍କରେ ଅଭିଭାବକ ତଥା ପରିଚାଳନା କମିଟି ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ଏଥିପ୍ରତି ବିଭାଗୀୟ ଅଧିକାରୀ ଗୁରୁତ୍ୱ ନ ଦେବାରୁ ଅଭିଭାବକମାନେ ଉତ୍ତ୍ୟକ୍ତ ହୋଇ ବିଦ୍ୟାଳୟରେ ତାଲା ପକାଇ ଦେଇଥିଲେ। ଖବରପାଇ ବ୍ଲକ ଶିକ୍ଷା ଅଧିକାରୀ ପ୍ରତାପ କୁମାର ଶତପଥୀ ପହଞ୍ଚି ଅଭିଭାବକମାନଙ୍କ ସହିତ ଆଲୋଚନା କରି ଶିକ୍ଷକଙ୍କ ବଦଳିକୁ ବାତିଲ କରିଥିଲେ। ପୂର୍ବ ପରି ବିଦ୍ୟାଳୟରେ ପାଠପଢ଼ା ଜାରି ରହିବା ସହିତ ବିଦ୍ୟାଳୟରେ ପଡ଼ିଥିବା ତାଲାକୁ ଅଭିଭାବକମାନେ ଖୋଲିଥିଲେ।



ଅଭିଭାବକମାନେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖରେ ବସିଛନ୍ତି।

## ଆରମ୍ଭ ହେବ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା

**ଅନୁଗୋଳ ଅଫିସ,୧୮।୪**

ଦୀର୍ଘଦିନ ପରେ ଅନୁଗୋଳ ଜିଲାରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା ଆରମ୍ଭ ହେବାକୁ ଯାଉଛି। ଜିଲା ମିଶନ ନିର୍ଦ୍ଦେଶାଳୟ ପକ୍ଷରୁ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମ ଅନୁସାରେ ଆସନ୍ତା ୨୦ ତାରିଖରେ ବଣ୍ଟାରପାଳ ବ୍ଲକ ବନ୍ଧା ଠାରେ, ୨୧ ତାରିଖରେ ଛେଣ୍ଡିପଦାର କୁକୁରପେଟା, ଆଠମଲ୍ଲିକର ଠାକୁରଗଡ଼ ଠାରେ, ୨୨ରେ ତାଳଚେରର କଙ୍କିଲୀ, ୨୩ରେ କିଶୋରନଗରର ନୁନୁକାପଶି, ୨୬ରେ ପାଲଲହଡ଼ାର ପବିତ୍ରପୁର, ୨୭ରେ ଅନୁଗୋଳର ବଲଙ୍ଗ ଏବଂ ୨୮ରେ କଣିହାଁର ବଡ଼ଗୁଣ୍ଡୁରିଠାରେ ଏହି ସ୍ୱାସ୍ଥ୍ୟମେଳା ଆୟୋଜନ ହେବ। ଏଠାରେ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ମାଗଣା ଔଷଧ ବଣ୍ଟନ, ରକ୍ତଦାନ, ଅଙ୍ଗଦାନ ଶିବିର ଆଦି ଆୟୋଜନ ହେବ।

# ଡ୍ରାଇଭର ସଂଘ ପକ୍ଷରୁ ଆନ୍ଦୋଳନ

**ପରଜଙ୍ଗ,୧୮।୪(ଡି.ଏନ.ଏ)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ଡ୍ରାଇଭର ସଙ୍ଘର ଆନ୍ଦୋଳନ ତୀବ୍ର ରୂପ ନେଇଛି। ଓଡ଼ିଶା ଡ୍ରାଇଭର ମହାସଂଘ ଡାକରାରେ ସୋମବାର ସକାଳୁ ଏହି ଆନ୍ଦୋଳନ ଆରମ୍ଭ ହୋଇଯାଇଛି। ଫଳରେ ଜନଜୀବନ ପ୍ରଭାବିତ ହୋଇଛି। ଏହି ପରିପ୍ରେକ୍ଷୀରେ ପରଜଙ୍ଗ ବ୍ଲକ କନ୍ଦରସିଂହା ଭାଲୁମୁଣ୍ଡା ଛକ ପୂର୍ତ୍ତ ବିଭାଗ ରାସ୍ତା ଉପରେ କନ୍ଦରସିଂହା ଡ୍ରାଇଭର ସଂଘ ସଭାପତି ସୁଶାନ୍ତ ସାହୁ, ସମ୍ପାଦକ ସୁବ୍ରତ ସାହୁ, ବ୍ଲକ ଆଡମିନ ବାପୁନ ରାଉତ, ପଞ୍ଚାୟତ ଆଡମିନ ସଞ୍ଜୟ ଦାସ ଓ ବିନୋଦ ବେହେରାଙ୍କ ଆହ୍ୱାନକ୍ରମେ ଶତାଧିକ ଡ୍ରାଇଭର ପୂର୍ବରୁ ଦାବି କରି ଆସୁଥିବା ୧୦ ଦଫା ସମ୍ବଳିତ ଦାବିପତ୍ର ଉପରେ ଶାନ୍ତିପୂର୍ଣ୍ଣ ଭାବେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ସକାଳ ୬ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଥିଲେ ସୁଦ୍ଧା ଏହାର କୌଣସି ଫଳପ୍ରଦ ହୋଇ ପାରିନାହିଁ। ବ୍ଲକରୁ ଅନେକ ଡ୍ରାଇଭର ଭୁବନେଶ୍ୱର ଆନ୍ଦୋଳନକୁ ଯାଇ ସେଠାରୁ ଫେରିଆସିଛନ୍ତି। ତେଣୁ ମଙ୍ଗଳବାର ବ୍ଲକ ଡ୍ରାଇଭରମାନଙ୍କ ବୈଠକ ହେବ ବୋଲି ସଂଘର ସଭାପତି ଜଣାଇଛନ୍ତି। ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ସୂଚନା ମିଳିଛି।



ଆନ୍ଦୋଳନରେ ବସିଥିବା ଡ୍ରାଇଭରମାନେ।

# ବାଦୀ ପାଲା ଉଦ୍‌ଯାପିତ

**ସାତମାଇଲ,୧୮।୪**

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ହାତୁରା ଗ୍ରାମରେ ୪ ଦିନ ଧରି ଚାଲିଥିବା ବାଦୀପାଲା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତ୍ୟେକ ବର୍ଷପରି ଚଳିତ ବର୍ଷ ଗ୍ରାମର ଆରାଧ୍ୟା ଠାକୁରାଣୀ ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ଅବସରରେ ୪ ଦିନବ୍ୟାପୀ ବାଦୀ ପାଲା ଧୁମ୍‌ଧାମରେ ଅନୁଷ୍ଠିତ ହୋଇଯାଇଛି। ସତ୍ୟନାରାୟଣ ପୂଜା କମିଟି ଉପଦେଷ୍ଟା ସର୍ବଶ୍ରୀ ନରହରି ନାଥ, ଦିବାକର ନାଥ, ଶରତ ନାଥ, ପ୍ରସନ୍ନ ନାଥ, ହେମନ୍ତ ନାଥ ଓ ଗ୍ରାମ ପରିଚାଳନା କମିଟି ସଭାପତି ଅଜୟ ନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗାୟକ ସତ୍ୟନାରାୟଣ ଜେନା ଓ ସାଥୀଙ୍କ ସହ ଗାୟକ ତ୍ରିଲୋଚନ ନାୟକ ଓ ସାଥୀ ଚାରିଦିନ ଧରି ରାମାୟଣ, ମହାଭାରତ ଓ ଭାଗବତ ଗୀତା ଆଦି ପ୍ରସଙ୍ଗଭିତ୍ତିକ ତଥ୍ୟକୁ ଆଧାର କରି ବାଦୀପାଲାରେ ସମାଜକୁ ଅନେକ ନୀତିଶିକ୍ଷା ପ୍ରଦାନ କରିଥିଲେ। ଆଖପାଖ ଅଞ୍ଚଳର ବହୁ ଜନ ସାଧାରଣ ଉକ୍ତ ବାଦିପାଲା ମହୋତ୍ସବରେ ପ୍ରତ୍ୟେକ ଦିନ ଯୋଗଦେଇଥିବା ଦେଖିବାକୁ ମିଳିଥିଲା।



ବାଦୀ ପାଲା ପରିବେଷଣ କରାଯାଉଛି।

# ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ

**ପରଜଙ୍ଗ,୧୮।୪(ଡି.ଏନ.ଏ)**

ଢେଙ୍କାନାଳ ଜିଲା ପରଜଙ୍ଗ ମହାବିଦ୍ୟାଳୟ ପରିସରରେ ନୂତନ ଭାବେ ନିର୍ମିତ ଛାତ୍ରୀ କମନରୁମ, ଷ୍ଟାଫ କମନରୁମ ଓ ନୃତତ୍ତ୍ୱ କକ୍ଷ ସୋମବାର ଉଦ୍‌ଘାଟିତ ହୋଇଛି। ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଓ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏତଦ୍‌ବ୍ୟତୀତ ମୋ କଲେଜ ଅଭିଯାନରେ ହୋଇଥିବା ସାଇକେଲ, ମୋଟରସାଇକେଲ ଷ୍ଟାଣ୍ଡ ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ସନାତନ ସାମଲ, ଅଧ୍ୟକ୍ଷ ନୀହାର ରଞ୍ଜନ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା, ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଉପସ୍ଥିତ ଥିଲେ।




ଷ୍ଟାଫ୍ କମନରୁମ୍‌କୁ ଏମ୍‌ପି ଓ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

# ପେଟ୍ରୋଲ ଟାଙ୍କିରେ ଉତ୍ତେଜନା

**ଛେଣ୍ଡିପଦା,୧୮।୪(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡିଆଠାରେ ଥିବା ଏକ ପେଟ୍ରୋଲ ପମ୍ପରେ ନିର୍ଦ୍ଧାରିତ ଦର ଦେଇ ମଧ୍ୟ କମ୍ ପରିମାଣର ତେଲ ପାଇବା ନେଇ ସୋମବାର ପମ୍ପ ସମ୍ମୁଖରେ ଉତ୍ତେଜନା ଦେଖାଦେଇଥିଲା। ଘଟଣାରୁ ଜଣାପଡ଼ିଛି, ବାଗଡିଆଠାରେ ଥିବା ଉକ୍ତ ପେଟ୍ରୋଲ ପମ୍ପରେ ମାଛକୁଟା ଗ୍ରାମର ଜୈନେକ ବ୍ୟକ୍ତି ବାଇକ୍‌ରେ ପେଟ୍ରୋଲ ପକାଇଥିଲେ । ପେଟ୍ରୋଲ ପମ୍ପ କର୍ମଚାରୀମାନେ କମ୍ ପରିମାଣର ତେଲ ପକାଇଥିବାରୁ ଦେୟ ମୁତାବକ ପେଟ୍ରୋଲ ଦେବା ପାଇଁ ଯୁବକ ଜଣକ ଦାବି କରିବା ସହିତ ପମ୍ପ ସମ୍ମୁଖରେ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। କିଛି ସମୟ ପାଇଁ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ପରେ ଟାଙ୍କି କର୍ମଚାରୀଙ୍କଠାରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଜବରଦସ୍ତି ୨ ମଟର ସାଇକେଲରେ ଟାଙ୍କି ଫୁଲ କରି ତେଲ ପକାଇ ଚାଲିଯାଇଥିବା ପେଟ୍ରୋଲ ପମ୍ପ କର୍ମଚାରୀମାନେ ପ୍ରକାଶ କରିଛନ୍ତି।



# ବ୍ୟାଘ୍ର ପ୍ରକଳ୍ପରୁ ବିସ୍ଥାପିତ ହେବ କଟରଙ୍ଗ

**ବନ୍ତଲା, ୧୮।୪ (ଦିନେଶ ଦେହୁରୀ)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ବ୍ୟାଘ୍ର ପ୍ରକଳ୍ପ କୋର୍ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକୁ ବିସ୍ଥାପିତ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ପ୍ରାଥମିକତାରେ ରାଇଗୁଡା ଗ୍ରାମକୁ ବିସ୍ଥାପିତ କରାଯାଇଥିବା ବେଳେ ଏବେ ଟିକରପଡା ପଞ୍ଚାୟତ ଅଧୀନରେ ଥିବା ଜିଲିଣ୍ଡା ରେଞ୍ଜର କଟରଙ୍ଗ ଗ୍ରାମକୁ ବିସ୍ଥାପିତ କରିବା ପାଇଁ ବନବିଭାଗ ଓ ଜିଲା ପ୍ରଶାସନ ଅନ୍ତିମ ପ୍ରସ୍ତୁତିରେ ପହଞ୍ଚି ସାରିଛି। ସୋମବାର ଏ ନେଇ ବିସ୍ଥାପିତ ପରିବାରର ସଦସ୍ୟମାନଙ୍କୁ ନେଇ ସାଧାରଣ ବୈଠକରେ ଚୂଡାନ୍ତ ତାଲିକା ପ୍ରସ୍ତୁତ କରିବା ସହିତ ଗ୍ରାମବାସୀଙ୍କ ଅଭିଯୋଗ ଶୁଣାଯାଇଥିଲା। ସାତକୋଶିଆ ଡିଏଫ୍‌ଓ ସରୋଜ କୁମାର ପଣ୍ଡା, ଅନୁଗୋଳ ତହସିଲଦାର ବିମଳ କୁମାର ଲେଙ୍କା, ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ସିଙ୍ଗ, ଜିଲିଣ୍ଡା ରେଞ୍ଜର ହରିସ ପ୍ରଧାନ, ପୁରୁଣାକୋଟ ରାଜସ୍ୱ ଅଧିକାରୀ, ଟିକରପଡା ସରପଞ୍ଚ ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଉପସ୍ଥିତ ଅଧିକାରୀମାନେ କହିଥିଲେ, କଟରଙ୍ଗ ଗ୍ରାମର ମୋଟ୍ ୧୨୩ ସଦସ୍ୟ ବିସ୍ଥାପିତ ହେବେ। ସେଥିମଧ୍ୟରୁ ବର୍ତ୍ତମାନ ଜଣଙ୍କ ଦେହାନ୍ତ ହୋଇଯାଇଛି। ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିମନ୍ତେ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ଏଥିସହିତ ସରକାରଙ୍କ ନୂଆ ନିୟମ ଅନୁଯାୟୀ ଜମିର ଭାଲୁଏଶନ କରାଯାଇଛି। ଯାହା ମୂଲ୍ୟ ରହିଛି, ତାହାକୁ ୧୦ ଭାଗ ଅଧିକ ବୃଦ୍ଧି କରି କ୍ଷତିପୂରଣ ଦିଆଯିବ। ଏଥିସହିତ ବନ ବିଭାଗ ପକ୍ଷରୁ କୌଣସି ଚାପ ପ୍ରୟୋଗ କିମ୍ବା ଜୋର ଜବରଦସ୍ତ ବିସ୍ଥାପିତ କରାଯିବ ନାହିଁ। ସହମତିରେ ୨୦ ଲକ୍ଷ ନେଇ ଲୋକେ ବିସ୍ଥାପିତ ହୋଇପାରିବେ। ଅନ୍ୟପକ୍ଷରେ ରୋଜଗାର ପାଇଁ ଗ୍ରାମରୁ ବାହାରେ ଥିବା ୨୬ ଜଣଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ନ ଥିବାରୁ ଉପସ୍ଥିତ କେତେଜଣ ସଦସ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏପରି ଅନୁଗୋଳ ଜିଲାକୁ ସେମାନଙ୍କୁ ବିସ୍ଥାପିତ ନ କରି କଟକ ଜିଲାରେ ରଖିବାକୁ ଦାବି କରିଥିଲେ। ଉକ୍ତ ଦାବିକୁ ବନ ଅଧିକାରୀ ଗ୍ରହଣ କରି ନ ଥିଲେ। ଏହି ସଭାରେ ଗ୍ରାମ ସଭାପତି ନଟବର ବେହେରା, ସମ୍ପାଦକ ବିଦେଶୀ ନାଏକ, କୋଷାଧ୍ୟକ୍ଷ ପହଲି ପଧାନ, ଦନେଇ ଯାନୀ, ସୁଶାନ୍ତ ପଧାନ, ବିକ୍ରମ ପଧାନ, ଜୟ ଯାନୀ, ସନାତନ ବେହେରା, ରମେଶ ଯାନୀ, ନାରଣ ଦାସ,ବିଷ ବେହେରା, ନବିନା ବେହେରା, ଆଶା ଦାସ,ପ୍ରଭାତୀ ବେହେରା, ଅଞ୍ଜଳି ବେହେରା, ନିଶା ବେହେରା ଙ୍କ ସହିତ ଗ୍ରାମର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ଗ୍ରାମବାସୀ ଓ ପ୍ରଶାସନ ମଧ୍ୟରେ ବୈଠକ।

■ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ

■ ଚାପ କିମ୍ବା ଜବରଦସ୍ତ ବିସ୍ଥାପିତ କରାଯିବନାହିଁ

■ କଟକ ଜିଲାକୁ ସ୍ଥାନାନ୍ତର ପାଇଁ ଦାବି

## ସଂକ୍ଷେପରେ

### ଆରମ୍ଭ ହେଲା ଜନ ଅଭିଯୋଗ ଶୁଣାଣି

**୩୨ ଅଭିଯୋଗର ଫଇସଲା**

**ଢେଙ୍କାନାଳ ଅଫିସ,୧୮।୪:** କରୋନା ସଂକ୍ରମଣ ଯୋଗୁ ଗତ ୨ବର୍ଷ ହେଲା ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ବନ୍ଦ ରହିଥିଲା। ସୋମବାର ଏହି ଜନ ଅଭିଯୋଗ ଶୁଣାଣି ଶିବିର ପୁଣି ଆରମ୍ଭ ହୋଇଛି। ଶିବିରରେ ମୋଟ୍ ୪୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୩୨ଟିର ଫଇସଲା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ପାଇଁ ୨ଟି ଆବେଦନପତ୍ର ଗ୍ରହଣ କରାଯାଇଥିଲା। ସେହିପରି ରେଡକ୍ରସ ସହାୟତା ପାଇଁ ଗୋଟିଏ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ମୋଟ ୨୨,୫୦୦ ଟଙ୍କା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ଓ ରେଡକ୍ରସ ସହାୟତା ବାବଦକୁ ପ୍ରଦାନ କରାଯାଇଥିଲା। ଜିଲାପାଳ ସରୋଜ କୁମାର ସେଠୀ ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ପିଡି ଡିଆରଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜରୁରୀ ଓ ଆପାତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ରଙ୍କ ସମେତ ବିଡିଓ, ତହସିଲଦାର, ପୌର ନିର୍ବାହୀ ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

### ବନ୍ଧୁକ ଦେଖାଇ ଲୁଟ୍

**କଣିହାଁ,୧୮।୪(ଡି.ଏନ.ଏ):** କଣିହାଁ ବ୍ଲକ ସମଲ ଥାନା ଅଞ୍ଚଳ ଶରଧାପୁର ଗ୍ରାମ ନିକଟ ୧୪୯ ନମ୍ବର ଜାତୀୟ ରାଜପଥରେ ସୋମବାର ଏକ କମ୍ପାନୀ କର୍ମଚାରୀଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ ହୋଇଛି। ବିସ୍କୁଟ ଓ ପାଉଁରୁଟି ସାମଗ୍ରୀ ଭୁବନେଶ୍ୱରରୁ ଆଣି ଦେବଗଡ଼ ଓ ରାଉରକେଲା ଅଞ୍ଚଳରେ ଏକ କମ୍ପାନୀ ଯୋଗାଣ କରୁଥିଲା। ଉକ୍ତ କମ୍ପାନୀ କର୍ମଚାରୀ ଏକ ପିକଅପ ଗାଡ଼ିରେ ଯାଉଥିବା ବେଳେ ଶରଧାପୁର ନିକଟ ଜାତୀୟ ରାଜପଥରେ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ୧ ଲକ୍ଷ ୧୧ ହଜାର ୬୬୦ ଟଙ୍କା ଲୁଟି ନେଇଛନ୍ତି। ମ୍ୟାନେଜର ସତ୍ୟବ୍ରତ ଖଡ଼ିରତ୍ନଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୧୩/୨୦୨୨ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇଆସି ଲବ ବୋଡ଼ା ପ୍ରକାଶ କରିଛନ୍ତି।

### ମାର୍‌ପିଟ ମାମଲାରେ ୩ ଗିରଫ

**କଣିହାଁ,୧୮।୪(ଡି.ଏନ.ଏ):** କଣିହାଁ ଥାନା ପୋଲିସ ଦୁଇଟି ପୃଥକ ମାର୍‌ପିଟ ମାମଲାରେ ସୋମବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂଚନା ମୁତାବକ, ଜରଡ଼ା ଗ୍ରାମର ମମତା ନାଏକ ଘରେ ଏକା ଥିବାବେଳେ ସେହି ଗ୍ରାମର ବିରଞ୍ଚି ନାଏକ (୪୫) ଓ ବାସୁଦେବ ନାଏକ (୩୨) ଗାଳିଗୁଲଜ କରିଥିଲେ। ଏହି ସମୟରେ ମମତାଙ୍କ ସ୍ୱାମୀ ନନ୍ଦ ନାଏକ ପହଞ୍ଚି ତାଙ୍କୁ ବିରୋଧ କରିଥିଲେ। ଫଳରେ ବିରଞ୍ଚି ଓ ବାସୁଦେବ ନନ୍ଦଙ୍କୁ ମାଡ଼ ମାରି ମୁଣ୍ଡ ଫଟାଇ ଦେଇଥିଲେ। ମମତାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୮୭/୨୦୨୨ ରେ ମାମଲା ରୁଜୁ କରି ଉଭୟ ବିରଞ୍ଚି ଓ ବାସୁଦେବଙ୍କୁ ଗିରଫ କରିଥିଲା। ସେହିପରି କଂସମୁଣ୍ଡା ଗ୍ରାମର ସମୟ ନାଏକଙ୍କୁ ସେହି ଗ୍ରାମର କାଳିଆ ନାଏକ ୧୨ ଓ ୧୩ ତାରିଖରେ ଗାଳିଗୁଲଜ ସହ ମାରପିଟ କରିଥିବା ନେଇ ସମୟ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ କାଳିଆଙ୍କୁ ଡାକି ବୁଝାମଣା କରି ଛାଡ଼ିଦେଇଥିଲେ। କିନ୍ତୁ କାଳିଆ ପୁଣି ସମୟଙ୍କୁ ଗାଳିଗୁଲଜ ଓ ଧମକ ଦେବାରୁ ସମୟଙ୍କ ଅଭିଯୋଗକୁ ଭିତ୍ତି କରି କଣିହାଁ ପୋଲିସ ସୋମବାର କାଳିଆଙ୍କୁ ଗିରଫ କରିଛି।

# ଜମିହରା କର୍ମଚାରୀଙ୍କୁ ପୁନଃ ଅବସ୍ଥାପିତ ଦାବି

- ନୂଆ କମ୍ପାନୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ
- ପୋଲିସ ଉପସ୍ଥିତିରେ ହେଲା ଆଲୋଚନା
- ଦାବି ପୂରଣ ହେଲେ ପୂର୍ବପରି ସହଯୋଗ

**ଢେଙ୍କାନାଳ ଅଫିସ,୧୮।୪**

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ କୁରୁଣ୍ଟିଠାରେ ଗତ ୨୦୨୦ ମସିହାରୁ ବନ୍ଦହୋଇ ପଡିଥିବା ବିଆର୍‌ଜି ଷ୍ଟିଲ ପ୍ଲାଣ୍ଟ କିଛିଦିନ ତଳେ ରିମ୍‌ଝିମ୍ ଷ୍ଟିଲକୁ ବିକ୍ରି ହୋଇଯାଇଛି। ବିଆର୍‌ଜି କମ୍ପାନୀର ଜମିହରା କ୍ଷତିଗ୍ରସ୍ତ ପ୍ରଜାଙ୍କୁ ପୁନଃ ଅବସ୍ଥାପିତ କରିବା ପାଇଁ ସୋମବାର ରିମ୍‌ଝିମ୍ କମ୍ପାନୀ ଅଧିକାରୀମାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ୭ଦିନ ମଧ୍ୟରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ପ୍ରକାଶ ଯେ, ବିଆର୍‌ଜି କମ୍ପାନୀ ବନ୍ଦ ହେବାପରେ ଏହି କମ୍ପାନୀ ରିମ୍‌ଝିମ୍ ଷ୍ଟିଲ କମ୍ପାନୀକୁ ବିକ୍ରି ହୋଇଯାଇଥିଲା। ନୂତନ କମ୍ପାନୀ ପୁରୁଣା କର୍ମଚାରୀମାନଙ୍କୁ ନେଇ କାମ କରିବ ବୋଲି ସମସ୍ତେ ଆଶା ରଖିଥିବା ବେଳେ ନୂତନ କମ୍ପାନୀ କର୍ମଚାରୀଙ୍କ ଅଭିଯୋଗ ନ ରଖିବା ଓ ନୂଆ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବାକୁ ପ୍ରସ୍ତୁତ ହେଉଥିବା ଦେଖି କ୍ଷତିଗ୍ରସ୍ତ ପ୍ରଜାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଛି। ଘଟଣା ସମ୍ପର୍କରେ ଜାଣିବା ପରେ ସୋମବାର କୁଶୁପଙ୍ଗା ସରପଞ୍ଚ ଅନିତା ନାୟକଙ୍କ ନେତୃତ୍ୱରେ ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ବେହେରା, ପୂର୍ବତନ ସମିତି ସଭ୍ୟ ଗୋବିନ୍ଦ ସାହୁ, କୁରୁଣ୍ଟି ଗ୍ରାମର ବିବେକାନନ୍ଦ ନାୟକ, ରାଜୀବ ଗୋପାଳ ସ୍ୱାଇଁ, ବିକଳ ନାୟକ, ବାଉରିବନ୍ଧୁ ପରିଡା, ରଣଜିତ ନାୟକ, ଶ୍ରବଣ କୁମାର ନାୟକ, କୁଶୁପଙ୍ଗା ଗ୍ରାମର ନରେଶ ଚନ୍ଦ୍ର ରାଉତ, ଚିତ୍ତରଞ୍ଜନ ନାଥ, ମଙ୍ଗଳପୁର ଗ୍ରାମର ନୃସିଂହ ଚରଣ ସାହୁ ପ୍ରମୁଖ କମ୍ପାନୀ ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚିଥିଲେ। ଖବରପାଇ ନୂତନ କମ୍ପାନୀ ବରିଷ୍ଠ ଉପସଭାପତି ଏମ୍‌ପି ସିଂହ, ମାନବ ସମ୍ବଳ ବିଭାଗ ଡିଜିଏମ୍ ଚିତ୍ତରଞ୍ଜନ ମିଶ୍ର, ହରପାଲ ସିଂହ ପ୍ରମୁଖ ମୋଟଙ୍ଗା ପୋଲିସ ଉପସ୍ଥିତିରେ କ୍ଷତିଗ୍ରସ୍ତ ପ୍ରଜାଙ୍କ ସହିତ ଆଲୋଚନା ସହ ସରପଞ୍ଚ ଅନିତା ନାୟକଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ପୂର୍ବ କମ୍ପାନୀରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ସହିତ ପାରିପାର୍ଶ୍ୱିକ ଉନ୍ନୟନ ସମ୍ପର୍କରେ ଦାବି କରାଯାଇଛି। ଆସନ୍ତା ଏକ ସପ୍ତାହ ମଧ୍ୟରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଗଲେ ପୂର୍ବପରି ନୂତନ କମ୍ପାନୀକୁ ସମସ୍ତ ସହଯୋଗ ମିଳିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଉପସଭାପତି ଏମ୍‌ପି ସିଂହ ଏ ସଂକ୍ରାନ୍ତରେ କମ୍ପାନୀର ବୋର୍ଡ ସହିତ ଆଲୋଚନା କରି ନିଷ୍ପତ୍ତି ଜଣାଇବା ପାଇଁ ସୂଚନା ଦେଇଛନ୍ତି ।


ପୁନଃ ନିଯୁକ୍ତି ଦାବିରେ କ୍ଷତିଗ୍ରସ୍ତ କର୍ମଚାରୀ ଅଧିକାରୀଙ୍କୁ ଦାବିପତ୍ର ଦେଉଛନ୍ତି।

# ୨ ପ୍ରମୁଖ ଅଭିଯୁକ୍ତ ଗିରଫ, ୪ ଫେରାର

**କନ୍ଧପାଳ ଗ୍ରାମ ପୂର୍ବତନ ୱାର୍ଡସଭ୍ୟ ହତ୍ୟା ମାମଲା**

**ଢେଙ୍କାନାଳ ଅଫିସ,୧୮।୪**

ଢେଙ୍କାନାଳ ଜିଲା ସଦର ଥାନା କନ୍ଧପାଳ ଗ୍ରାମରେ ପୋଖରୀ ଖୋଳାକୁ କେନ୍ଦ୍ରକରି ରବିବାର ପୂର୍ବତନ ୱାର୍ଡ ସଭ୍ୟ ଦଳେଇ ନାୟକଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ମାମଲାରେ ସୋମବାର ୨ ପ୍ରମୁଖ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁଖ୍ୟ ଅଭିଯୁକ୍ତ ନୃପତି ନାୟକଙ୍କ ପିତା ଅଭିମନ୍ୟୁ ନାୟକ ଓ ସହଯୋଗୀ ବେଣୁଧର ନାୟକ। ଏହି ଘଟଣାରେ ୪ ଅଭିଯୁକ୍ତ ଫେରାର ରହିଛନ୍ତି। ସୋମବାର ମଧ୍ୟ ଗ୍ରାମରେ ଉତ୍ତେଜନାମୂଳକ ପରିସ୍ଥିତି ଥିବାରୁ ସଶସ୍ତ୍ର ପୋଲିସ ମୁତୟନ ହୋଇଛନ୍ତି। ଗ୍ରାମ ଶୂନଶାନ ରହିଛି। ଅନ୍ୟପଟରେ ନୃପତିଙ୍କ ସ୍ତ୍ରୀ ସାରଥି ଓ ତାଙ୍କ ୩ ବର୍ଷର ଶିଶୁପୁତ୍ର ନୀତିନଙ୍କ ଉପରେ ପ୍ରତିଶୋଧ ପରାୟଣ ହୋଇ ଦଳେଇଙ୍କ ପରିବାର ପକ୍ଷରୁ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ସଦର ଥାନାରେ ନଂ-୧୮/୨୨ରେ ମାମଲା ରୁଜୁ ହୋଇଛି। ଉଭୟ ମା, ପୁଅ ଗୁରୁତର ଅବସ୍ଥାରେ କଟକଠାରେ ଚିକିତ୍ସାଧୀନ ଅଛନ୍ତି। ସୋମବାର ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ସାର୍ଥକ ଷଡଙ୍ଗୀ ଢେଙ୍କାନାଳ ଗସ୍ତ କରି ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ସହ ଘଟଣାର ସମୀକ୍ଷା କରିଛନ୍ତି। ଏ ସଂକ୍ରାନ୍ତରେ ସଦର ଏସ୍‌ଡିପିଓ ବିକାଶ ବେଉରା କହିଛନ୍ତି, ଘଟଣାରେ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଯଥାଶୀଘ୍ର ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି। ପରିସ୍ଥିତିକୁ ନଜରରେ ରଖି ଗ୍ରାମରେ ପୋଲିସ ମୁତୟନ କରାଯାଇଛି।


ଗ୍ରାମରେ ପୋଲିସ ମୁତୟନ କରାଯାଇଛି।

# ଧାରଣାରେ ବସିଲେ ଖବରଦାତା

**ଥାନା ଅଧିକାରୀଙ୍କ ଦୁର୍ବ୍ୟବହାର ଅଭିଯୋଗ**

**ଢେଙ୍କାନାଳ ଅଫିସ,୧୮।୪**

ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଧିକାରୀ ରବିବାର ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ଖବରଦାତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଗଁଦିଆ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜଣେ ବୃଦ୍ଧାଙ୍କୁ ଆକ୍ରମଣ ଘଟଣାରେ ଥାନା ଅଧିକାରୀ ନ୍ୟାୟ ପ୍ରଦାନ କରୁ ନ ଥିବାରୁ ସମ୍ପୃକ୍ତା ବୃଦ୍ଧା ଗଁଦିଆ ମିଳିତ ସାମ୍ବାଦିକ ସଂଘକୁ ଜଣାଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀଙ୍କୁ ମହିଳା ସାମ୍ବାଦିକା ପୁଷ୍ପଲତା ସାମଲ ପଚାରିବାକୁ ଯାଇଥିବା ବେଳେ ଥାନା ଅଧିକାରୀ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ସେ ଅଭିଯୋଗ କରିଥିଲେ। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପ୍ରତିବାଦରେ ଗଁଦିଆ ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଥାନା ସମ୍ମୁଖରେ ଧାରଣା ଦିଆଯାଇଥିଲା। ଖବରପାଇ ସଦର ଏସ୍‌ଡିପିଓ ବିକାଶ ବେଉରା ଘଟଣାସ୍ଥଳରେ ପହଞ୍ଚି ଧାରଣାରତ ଖବରଦାତାମାନଙ୍କୁ ବୁଝାଶୁଝା କରି ଧାରଣାରୁ ଉଠାଇଥିଲେ। ଏ ସଂକ୍ରାନ୍ତରେ ଏସ୍‌ଡିପିଓ କହିଛନ୍ତି, ଘଟଣାର ତଦନ୍ତ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ଜିଲା ପୋଲିସ କାର୍ଯ୍ୟାଳୟରେ ଯୋଗ ଦେଇଥିବା ଜଣେ ନୂତନ ଡିଏସ୍‌ପିଙ୍କୁ ୩ମାସ ପାଇଁ ଗଁଦିଆ ଥାନା ଦାୟିତ୍ୱ ଦିଆଯିବ। ଥାନା ଅଧିକାରୀ ବିଷ୍ଣୁ ଚରଣ ବାରିକ ଅଭିଯୋଗକୁ ଖଣ୍ଡନ କରିବା ସହିତ କୌଣସି ପ୍ରକାର ଦୁର୍ବ୍ୟବହାର ପ୍ରଦର୍ଶନ କରି ନ ଥିବା ପ୍ରକାଶ କରିଛନ୍ତି।

# ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ,୧୮।୪**

ଢେଙ୍କାନାଳ ସହରସ୍ଥିତ ଗୁଡିଆନାଳୀ ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ସୋମବାର ପୂର୍ବାହ୍ନରେ ଡମ୍ବରୁଧର ମହାନ୍ତିଙ୍କ ସ୍ମୃତିରେ ଏକ ବିଶୁଦ୍ଧ ଥଣ୍ଡା ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ସୁଧୀର କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂଜା ପ୍ରତିଷ୍ଠାନ ସଭାପତି ପ୍ରଦୀପ ମହାନ୍ତି, ସମ୍ପାଦକ ସଞ୍ଜୀବ ଶତପଥୀ, ପୌର ଉପାଧ୍ୟକ୍ଷ ପ୍ରକାଶ କୁଅଁର, ୪ନଂ ୱାର୍ଡ କାଉନସିଲର ଲିପିକା ଦାସ, ୩ନଂ ୱାର୍ଡ କାଉନସିଲର ଅଭିମନ୍ୟୁ ପଣ୍ଡା, ୨ନଂ ୱାର୍ଡ କାଉନସିଲର ଦୀପ୍ତିରଞ୍ଜନ ସେଠୀ, ୧୩ନଂ କାଉନସିଲର ସାଗିର ମହମ୍ମଦଙ୍କ ସମେତ ଲଲାଟ ରଞ୍ଜନ ସାହୁ, ଜ୍ଞାନଚାନ୍ଦ ମିଶ୍ର, ଗଗନ ବିହାରୀ ପଣ୍ଡା, ଜିଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ନରୋତ୍ତମ ସାହୁ ଓ ଅନ୍ନଦା ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।


ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ବିଧାୟକଙ୍କ ସହ ଅନ୍ୟମାନେ।

# ୨୦ ଦିନ ବିତିଲା, ଅଭିଯୁକ୍ତ ଗିରଫ ହେଲେନି

**ସାମରିକ ଅଧିକାରୀଙ୍କ ଉପରେ ଆକ୍ରମଣ ମାମଲା**

**ଢେଙ୍କାନାଳ ଅଫିସ,୧୮।୪**

ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ସିଆରିଆ ଗ୍ରାମରେ ଗତ ୨୦ଦିନ ତଳେ ଏକ ଜମିକୁ ଯିବା ପାଇଁ ରାସ୍ତା ଚିହ୍ନଟ ସମୟରେ ଗଣ୍ଡଗୋଳ ହୋଇଥିଲା। କେତେଜଣ ବ୍ୟକ୍ତିଙ୍କ ଆକ୍ରମଣରେ ଗୋବିନ୍ଦପୁର ଗ୍ରାମର ଅକ୍ଷୟ ଦାସ ଚୌଧୁରୀ ଓ ତାଙ୍କ ସ୍ତ୍ରୀ ସାମାଜିକ କର୍ମୀ ଯାଜ୍ଞସେନୀ ଜେନା, ପୁଅ ସାମରିକ ଅଧିକାରୀ କ୍ୟାପଟେନ ଆକାଶ ଚୌଧୁରୀ ଆହତ ହୋଇଥିଲେ। ଏ ସଂକ୍ରାନ୍ତରେ ସଦର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ହେଲେ ଏଯାଏ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁ ସାମରିକ ଅଧିକାରୀଙ୍କ ପରିବାର ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି । ଜମ୍ମୁକାଶ୍ମୀରରେ କାର୍ଯ୍ୟରତ ସାମରିକ ଅଧିକାରୀ ଆକାଶଙ୍କୁ ଆକ୍ରମଣ ଘଟଣାକୁ ନେଇ ସାମରିକ ବିଭାଗ ପକ୍ଷରୁ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ସରକାରଙ୍କୁ ନିବେଦନ କରାଯାଇଛି। ଏ ସଂକ୍ରାନ୍ତରେ ନ୍ୟାୟୋଚିତ ପଦକ୍ଷେପ ନେବା ପାଇଁ ସାମରିକ ଅଧିକାରୀ ଜିଲାପାଳ ଓ ଏସ୍‌ପିଙ୍କୁ ନିବେଦନ କରିଛନ୍ତି ।

# ପୂର୍ବତନ ଆର୍‌ଆଇଙ୍କୁ ବର୍ଷେ ଜେଲ

**ଲାଞ୍ଚ ନେବା ମାମଲା**

**ଢେଙ୍କାନାଳ ଅଫିସ,୧୮।୪**

ଢେଙ୍କାନାଳ ଜିଲା ରାସୋଳ ରାଜସ୍ୱ ମଣ୍ଡଳର ପୂର୍ବତନ ଆରଆଇ ଖଗେଶ୍ୱର ସାହୁଙ୍କୁ ଏକ ଲାଞ୍ଚନେବା ମାମଲାରେ ଢେଙ୍କାନାଳ ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ଅଦାଲତ ସୋମବାର ୧ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଖଗେଶ୍ୱର ଇତିମଧ୍ୟରେ ଅବସରଗ୍ରହଣ କରିଛନ୍ତି। ସେ ଜଟିଆବଡା ପାଣି ପଞ୍ଚାୟତର ଜମି ମାପ ଓ ଚିହ୍ନଟ ପାଇଁ ଅଭିଯୋଗକାରୀଙ୍କ ଠାରୁ ୫୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ହାତରେ ଧରାପଡିଥିଲେ। ତତ୍କାଳୀନ କଟକ ଭିଜିଲାନ୍ସ ଡିଭିଜନର ଡିଏସ୍‌ପି ହରେକୃଷ୍ଣ ବେହେରା ଘଟଣାର ତଦନ୍ତ କରିବା ସହିତ ସେହି ସମୟରେ ଖଗେଶ୍ୱରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସରେ ନଂ-୧୭/୨୮।୩।୧୦ରେ ଏକ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାର ବିଚାରକରି ଢେଙ୍କାନାଳ ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ରଶ୍ମି ମୋହନ ଆଚାର୍ଯ୍ୟ ଅଭିଯୁକ୍ତ ଖଗେଶ୍ୱରଙ୍କୁ ଗୋଟିଏ ଦଫାରେ ୬ମାସ ଏବଂ ଅନ୍ୟ ଏକ ଦଫାରେ ୧ବର୍ଷ କାରାଦଣ୍ଡ ପ୍ରଦାନ କରିଛନ୍ତି । ସେହିପରି ଗୋଟିଏ ଦଫାରେ ୧ ହଜାର ଟଙ୍କା ଜରିମାନା ଏବଂ ଅନ୍ୟ ଦଫାରେ ୨ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ସମସ୍ତ ଦଣ୍ଡାଦେଶ ସମାନ୍ତରାଳ ଭାବେ ଲାଗୁହେବ। ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଭିଜିଲାନ୍ସ ରାକେଶ ସାହୁ ପରିଚାଳନା କରିଥିଲେ।

# ଗଡ଼ିଲା ଶିକ୍ଷା ସଚେତନତା ରଥ

**ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ ପ୍ରୟାସ**

**ଢେଙ୍କାନାଳ ଅଫିସ,୧୮।୪**

ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ପାଇଁ ସୋମବାର ସକାଳେ ଢେଙ୍କାନାଳ ଜିଲା କାର୍ଯ୍ୟାଳୟରୁ ଏକ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ବିଧାୟକ ସୁଧୀର କୁମାର ସାମଲ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ସମେତ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ସଦର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ରଥ ସୋମବାରଠାରୁ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଓ ଫାଉଣ୍ଡେଶନ ଲିଟରାସି ଆଣ୍ଡ ନ୍ୟୁମେରାସି (ଏଫଏଲଏନ୍) ରଥ ସୋମବାରରୁ ୧୯ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ବିଦ୍ୟାଳୟ ତଥା ସହର ଉପକଣ୍ଠ ବସ୍ତି ଓ ଅପହଞ୍ଚ ଅଞ୍ଚଳରେ ଥିବା ଗ୍ରାମ ଗୁଡିକରେ ଶିକ୍ଷା ଓ ସଚେତନତାର ବାର୍ତ୍ତା ପ୍ରଚାର ପ୍ରସାର କରିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଧାରୁ ପାଠ ଛାଡୁଥିବା ଓ ବିଦ୍ୟାଳୟକୁ ନିୟମିତ ଆସୁ ନ ଥିବା ଛାତ୍ରୀଛାତ୍ରଙ୍କ ମାତାପିତାଙ୍କ ସହିତ ଆଲୋଚନା କରି ଓ ପରାମର୍ଶ କରି ସେମାନଙ୍କୁ ନିୟମିତ ବିଦ୍ୟାଳୟକୁ ଆସିବା ପାଇଁ ପ୍ରୋତ୍ସାହିତ କରାଯିବ। ଏ ସଂକ୍ରାନ୍ତରେ ଜିଲାପାଳ ସମସ୍ତ ମାତାପିତାଙ୍କୁ ଏକ ଅନୁରୋଧପତ୍ର ପ୍ରେରଣ କରିଛନ୍ତି ।


ଉଦ୍‌ଘାଟିତ ହୋଇଥିବା ଶିକ୍ଷା ସଚେତନତା ରଥ।

# ଉଚ୍ଚଶିକ୍ଷାର ସ୍ଥିତି ଶୀର୍ଷକ ଆଲୋଚନା

**ବେସରକାରୀ କଲେଜ ଶିକ୍ଷକ କର୍ମଚାରୀ ସଂଘ ସମ୍ମିଳନୀ**

**ଢେଙ୍କାନାଳ ଅଫିସ,୧୮।୪**

ଢେଙ୍କାନାଳ ଜିଲା କାମାକ୍ଷାନଗର ମହାବିଦ୍ୟାଳୟ ପରିସରରେ ରବିବାର ନିଖିଳ ଉତ୍କଳ ବେସରକାରୀ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘ ଢେଙ୍କାନାଳ ଶାଖାର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ରାଜ୍ୟ ସଙ୍ଗଠନ ସମ୍ପାଦକ ମଦନ ମହଲା ଓ ରାଜୀବ କର ଯୋଗ ଦେଇଥିଲେ। ଜିଲା ସଭାପତି ଜୟନ୍ତ ବର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ମଗୁଲୁ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଏହି ଅବସରରେ ଉଚ୍ଚଶିକ୍ଷାର ବର୍ତ୍ତମାନର ସ୍ଥିତି ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ହେଲେ ଯାଇ ଶିକ୍ଷାର ଗୁଣାତ୍ମକ ବିକାଶ ଓ ପିଲାଙ୍କ ଭବିଷ୍ୟତ ଗଠନ ସମ୍ଭବ ବୋଲି ମତପ୍ରକାଶ ପାଇଥିଲା। ଏଥିପାଇଁ ସଙ୍ଗଠନ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହ ପୁନଃଗଠନ କରି ସମସ୍ତ ବର୍ଗର ଶିକ୍ଷକ କର୍ମଚାରୀଙ୍କୁ ଏଥିରେ ସାମିଲ କରିବା ପାଇଁ ମତପ୍ରକାଶ ପାଇଥିଲା। ଏହି ଆଲୋଚନାରେ ଡ. ଅଶୋକ ମିଶ୍ର, ଚିତ୍ତରଞ୍ଜନ ଦାସ, ପ୍ରାଧ୍ୟାପକ ପ୍ରହ୍ଲାଦ ମହାନ୍ତି, କ୍ଷୀତିଶ ଜେନାମଣି, ପ୍ରହ୍ଲାଦ ସ୍ୱାଇଁ ପ୍ରମୁଖ ଭାଗନେବା ସହ ଅଧ୍ୟାପକ କର୍ମଚାରୀମାନଙ୍କ ପ୍ରମୁଖ ଦାବି ଯଥା ୨୦୦୯ ମସିହା ପରେ ନିଯୁକ୍ତ ଶିକ୍ଷକ କର୍ମଚାରୀଙ୍କୁ ଅନୁଦାନ, ୨୦୧୭ ଅନୁଦାନ ନୀତି ଦ୍ୱାରା ଯୋଗ୍ୟ ବିବେଚିତ ଅଧ୍ୟାପକଙ୍କ ଚାକିରି ସର୍ତ୍ତାବଳୀ ନିର୍ଦ୍ଧାରଣ, ୨୦୧୪ ପର୍ଯ୍ୟନ୍ତ ନିଯୁକ୍ତ ଅଧ୍ୟାପକ କର୍ମଚାରୀଙ୍କୁ ଦରମା ଦେବା, ୧।୪।୧୯୮୯ ପରେ ୟୁଜିସି ସମ୍ପ୍ରସାରଣ, ୨୭ବର୍ଷ ପରିବର୍ତ୍ତେ ରିଡର ପଦୋନ୍ନତି ୧୮ ବର୍ଷରେ କରିବା, ୭ମ ବେତନ କମିଶନ ସୁପାରସ ଅନୁଯାୟୀ ୧।୧୦।୨୦୧୭ ପରିବର୍ତ୍ତେ ୧।୧।୨୦୧୬ରୁ ବର୍ଦ୍ଧିତ ଦରମା ପ୍ରଦାନ, ଡେମୋନଷ୍ଟ୍ରେଟର, ଲାଇବ୍ରେରିଆନ ତଥା ଖେଳ ଶିକ୍ଷକମାନଙ୍କ ସମସ୍ୟା ସମାଧାନ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ସମ୍ମିଳନୀରେ ଜିଲାର ୯ଟି ପୂର୍ଣ୍ଣ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରୁ ଶତାଧିକ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଯୋଗ ଦେଇଥିଲେ। ସମ୍ମିଳନୀରେ ଜୟନ୍ତ ବର୍ମା ଓ ଅଶୋକ କୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧ୍ୟାପକ ପ୍ରଭାକର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।



ବେସରକାରୀ କଲେଜ ଶିକ୍ଷକ କର୍ମଚାରୀ ସଂଘର ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା।

## ସଂକ୍ଷେପରେ

### ମା'ଗ୍ରାମେଶ୍ୱରୀଙ୍କ ମହୋତ୍ସବ

ବଅଁରପାଳ,୧୮।୪(ଡି.ଏନ.ଏ.)- ବଅଁରପାଳ ବ୍ଲକ ବଳରାମପ୍ରସାଦ କଇଁଫୁଲିଆ ସାହିର ଅଧିଷ୍ଠାତ୍ରୀ ଦେବୀ ମା' ଗ୍ରାମେଶ୍ୱରୀଙ୍କ ବାର୍ଷିକ ପୂଜା ପାଳିତ ହୋଇଯାଇଛି। ସକାଳେ ଦେବୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ଅପରାହ୍ନରେ ବିଭିନ୍ନ ବାଦ୍ୟ ବାଜଣା ସହକାରେ ଗ୍ରାମର ଦିଅଁ ଘରୁ ମା'ଙ୍କ ଆଲମକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଯାତ୍ରା ପୀଠକୁ ଅଣାଯାଇଥିଲା। ସନ୍ଧ୍ୟାରେ ମାଜଣା ପର୍ବ ସହ ଦେବୀଙ୍କ ବଡ଼ପୂଜା ସମ୍ପନ୍ନ ହୋଇଥିଲା। ରାତ୍ରିରେ ବଡ଼ପୂଜା ହୋଇଥିଲା। ଏହି ଅବସରରେ ରାତିରେ ଅପେରା କାର୍ଯ୍ୟକ୍ରମ



ହୋଇଥିଲା। ଯାତ୍ରାକୁ ଗ୍ରାମବାସୀ ପରିଚାଳନା କରିଥିଲେ।

### ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



ବଅଁରପାଳ,୧୮।୪(ଡି.ଏନ.ଏ.)- ନାଲ୍‌କୋ ଏଚ୍‌ଏମ୍‌ଏସ୍ ପକ୍ଷରୁ ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ନାଲ୍‌କୋ ଅଧିକାରୀମାନେ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ବିଜୁବାବୁଙ୍କ ଜୀବନୀ ତଥା ତାଙ୍କର ଦେଶ ପ୍ରତିଥିବା ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମାଙ୍ଗିଲାଲ ସାମଲ, ରତ୍ନାକର ପରିଡା, ବିରଞ୍ଚି ପ୍ରଧାନ, ଲିଟୁ ଗଡନାୟକ, ବରଦା ମହାପାତ୍ର, ପ୍ରଶାନ୍ତ ସାହୁ, ରବି ସେଠୀ, ପ୍ରଦୀପ ପ୍ରଧାନ, ବୁବୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରାନ୍ସଫର୍ମରକୁ ନେଇ ଅସନ୍ତୋଷ



ମାଧପୁର,୧୮।୪ : ଆଠମଲ୍ଲିକ ବ୍ଲକ କନ୍ଧପଡା ପଞ୍ଚାୟତ ଟିକିରାସାହିର ୧୦ କେ.ଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଗତ ୧୩ ତାରିଖରୁ ପୋଡିଯାଇଛି। ଫଳରେ ଏହି ଟ୍ରାନ୍ସଫର୍ମର ଉପରେ ନିର୍ଭର କରୁଥିବା ପାଖାପାଖି ୩୦ ପରିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ପ୍ରବଳ ଗ୍ରୀଷ୍ମ ପ୍ରବାହ ଉପଭୋକ୍ତାମାନଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ବିଦ୍ୟୁତ୍ ବିଭାଗ ଏ ବିଷୟରେ ଚିନ୍ତା କରି ଶୀଘ୍ର ଟ୍ରାନ୍ସଫର୍ମର ସ୍ଥାପନ କରିବାକୁ ଦାବି ହୋଇଛି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନରେନ୍ଦ୍ର ବାରିକ କହିଛନ୍ତି, ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି। ଦିନେ କିମ୍ବା ଦୁଇଦିନ ଭିତରେ ଏହି ଟ୍ରାନ୍ସଫର୍ମର ଲଗାଯିବ।

# 'ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବ ଡ୍ରୋନ୍'



ଡ୍ରୋନ୍ ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି।

■ଛେଣ୍ଡିପଦାରେ ଚାଷୀଙ୍କୁ ପ୍ରଶିକ୍ଷଣ
■ଫସଲରେ କୀଟନାଶକ ସିଞ୍ଚନ କରିବ

ଛେଣ୍ଡିପଦା,୧୮।୪(ସ୍ୱ.ପ୍ର.)

ଚାଷୀଙ୍କୁ ସହାୟକ ହେବ ଡ୍ରୋନ୍। ଡ୍ରୋନ୍ ସହାୟତାରେ ଚାଷୀ ଫସଲରେ କୀଟନାଶକ ସିଞ୍ଚନ କରି ନିଜର ସମୟ ବଞ୍ଚାଇବା ସହ ଆୟ ମଧ୍ୟ ବଢ଼ାଇପାରିବ। ଏହି ଉଦ୍ଦେଶ୍ୟ ନେଇ କେନ୍ଦ୍ର ସରକାର ୧୦୦ କିଷାନ୍ ଡ୍ରୋନ୍‌ର ଶୁଭାରମ୍ଭ କରିଛନ୍ତି। ଏହା କୃଷକମାନଙ୍କ ପାଇଁ ଏକ ଅଭିନବ ଓ ଆକର୍ଷଣୀୟ ପଦକ୍ଷେପ ବୋଲି କୁହାଯାଉଥିବା ବେଳେ ଏହି ଡ୍ରୋନ୍ ଶନିବାର ଅନୁଗୋଳ ବ୍ଲକ ଛେଣ୍ଡିପଦା ବ୍ଲକରେ ପହଞ୍ଚିଛି।

ଛେଣ୍ଡିପଦା ବ୍ଲକ କୃଷକ ଉତ୍ପାଦକ ସଂଘ ସଭାପତି ରଞ୍ଜିତା ସାହୁଙ୍କ ତତ୍ତ୍ୱାବଧାନରେ ଛେଣ୍ଡିପଦାର ବିଭିନ୍ନ ଗ୍ରାମରେ ଚାଷୀଙ୍କୁ ଏହାର ବ୍ୟବହାର ଶିଖାଇବା ସହିତ ଉପାଦେୟତା ଏବଂ ଚାଷୀ କିପରି କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନ କରିବେ ସେ ବିଷୟରେ ବୁଝାଇଥିଲେ। ଏହି ଡ୍ରୋନ୍ ଗୁଡିକ ଚାଷୀଙ୍କୁ ସାହାଯ୍ୟ କରିବ। ଜମିରେ କୀଟନାଶକ ଓ ଅନ୍ୟ ସାମଗ୍ରୀ ସିଞ୍ଚନ କରିବ। ତେବେ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପୂର୍ବରୁ ପରୀକ୍ଷା କରାଯାଉଥିବା ଜଣାପଡ଼ିଛି। ଛେଣ୍ଡିପଦାର ନୂଆମୌଜ, ହାଣ୍ଡିଗୁଡା, ନୂଆଗାଁ, କୁକୁରପେଟା ଅଞ୍ଚଳର ଶତାଧିକ ଚାଷୀଙ୍କୁ କିଷାନ୍ ଡ୍ରୋନ ବ୍ୟବହାର ସମ୍ପର୍କରେ ବୁଝାଯାଇଥିଲା। କଖାରୁ, ଆମ୍ବ, କାଜୁ, ନଡିଆଗଛ ଠାରୁ ସୁ ଉଚ୍ଚ ଗଛ ପର୍ଯ୍ୟନ୍ତ ଏହି କିଷାନ୍ ଡ୍ରୋନ୍ ସାର ଓ କୀଟନାଶକ ସିଞ୍ଚନ କରିପାରିବ। ଏକକାଳୀନ ୧୬ ଲିଟର କୀଟନାଶକ ଧରି ସିଞ୍ଚନ କରୁଥିବା ଡ୍ରୋନ୍ ସେନସର ଦ୍ୱାରା ପରିଚାଳିତ ହେଉଛି। ଏହା ୩୦ ମିନିଟ ମଧ୍ୟରେ ୧୦ ଏକରରେ ସିଞ୍ଚନ କରିପାରିବ।

**କମ୍ ଖର୍ଚ୍ଚରେ ପୋକ ଦାଉରୁ ରକ୍ଷା**



"ଚାଷୀମାନେ ଏହି ଡ୍ରୋନ ସାହାଯ୍ୟରେ ଫସଲରେ ଔଷଧ ଓ ସାର ସିଞ୍ଚନ କରିପାରିବେ। ଏହାଫଳରେ କମ୍ ଖର୍ଚ୍ଚରେ ରୋଗ ପୋକ ଦାଉରୁ ଫସଲକୁ ରକ୍ଷା କରିପାରିବା ସହିତ ଅଧିକ ଆୟ ପାଇପାରିବେ।

-ଅଜିତ କୁମାର ଦେହୁରୀ, ସଂଯୋଜକ, ବ୍ଲକ କୃଷକ ଉତ୍ପାଦକ ସଂଘ

**ବ୍ୟବହାର ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି**



"ଏହି ଡ୍ରୋନ କିପରି ଚାଷୀଙ୍କ ଫସଲରେ ସାର ଔଷଧ ସିଞ୍ଚନ କରୁଛି, ତାହାର ପରୀକ୍ଷା ଏଠାରେ କରାଯାଉଛି। ଶତାଧିକ ଚାଷୀଙ୍କୁ ଏହି ଡ୍ରୋନ ବ୍ୟବହାର ସମ୍ପର୍କରେ ଅବଗତ କରାଯାଇଛି। ଚାଷୀଙ୍କୁ ବହୁତ ଖୁସି ଅଛନ୍ତି।

-ରଞ୍ଜିତା ସାହୁ, ସଭାପତି, ମା' ବାୟାଣୀ କୃଷି ଉତ୍ପାଦକ ସଂଘ

**ସରକାରଙ୍କ ଭଲ ପଦକ୍ଷେପ**



"ଡ୍ରୋନ ସାହାଯ୍ୟରେ ରୋଗ ପୋକ ଦାଉରୁ ଫସଲକୁ ରକ୍ଷା କରାଯିବା ସରକାରଙ୍କ ଏକ ଭଲ ପଦକ୍ଷେପ। କିନ୍ତୁ କ୍ଷୁଦ୍ର ଚାଷୀ ଓ ଭାଗଚାଷୀମାନେ କିପରି ଏହାଦ୍ୱାରା ଉପକୃତ ହେବେ ସେ ଦିଗରେ ବ୍ୟବସ୍ଥା ଆବଶ୍ୟକ।

-ସୁଦୀପ୍ତ କୁମାର ପ୍ରଧାନ, ସରପଞ୍ଚ ଛେଣ୍ଡିପଦା

**ବହୁ ସମସ୍ୟାର ସମାଧାନ ହେବ**



"ପୋକ ଯୋଗୁ ୨୦ ପ୍ରତିଶତ, ରୋଗ ପାଇଁ ୨୬%, ପଶୁପକ୍ଷୀଙ୍କ ପାଇଁ ୮%, ମୂଷା ଲାଗିବା କାରଣରୁ ୬%, ଘାସ ପାଇଁ ୩୩ % ଓ ଖରାପ ମଞ୍ଜି କାରଣରୁ ୭ ପ୍ରତିଶତ ଚାଷ ନଷ୍ଟ ହୋଇଥାଏ। ଡ୍ରୋନ ଦ୍ୱାରା ଔଷଧ ସିଞ୍ଚନ ଚାଷୀଙ୍କ ବହୁ ସମସ୍ୟାର ସମାଧାନ କରିପାରିବ। ଫଳରେ ଚାଷୀର ଆୟ ଦ୍ୱିଗୁଣିତ ହୋଇପାରିବ।

-ବିନୋଦ ଦଳେଇ, ବ୍ଲକ କୃଷି ଅଧିକାରୀ

# ଜରାଜୀର୍ଣ୍ଣ ଘରେ ଶିକ୍ଷାଦାନ

**କାର୍ଯ୍ୟକ୍ଷମ ହେଉନି ନୂଆ ଅଙ୍ଗନୱାଡି କେନ୍ଦ୍ର**

ପବିତ୍ରନଗର,୧୮।୪(ଡି.ଏନ.ଏ)

ଅନୁଗୋଳ ଜିଲା କଣିହାଁ ବ୍ଲକ ବିରୁ ଗ୍ରାମର ସ୍କୁଲ ପ୍ରାଙ୍ଗଣରେ ଏକ ନୂତନ ଅଙ୍ଗନୱାଡି କେନ୍ଦ୍ର ପ୍ରାୟ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ନିର୍ମାଣ ସରିଛି। ଶିଶୁମାନଙ୍କ ନିମନ୍ତେ ସୁନ୍ଦର ଭାବେ ଚିତ୍ରଣ କରାଯିବା ସହିତ ପାଇଖାନା ଓ ପାଣି ଆଦି ସମସ୍ତ ସୁବିଧା ରଖାଯାଇଛି। କିନ୍ତୁ ଏଯାବତ ଏହା କାର୍ଯ୍ୟକ୍ଷମ କରା ନ ଯାଇ ପୁରୁଣା ଜରାଜୀର୍ଣ୍ଣ ଘରେ ପିଲାଙ୍କ ଶିକ୍ଷାଦାନ ଚାଲିବା ଅସନ୍ତୋଷର କାରଣ ହୋଇଛି।

ପ୍ରକାଶ ଯେ, ପୁରୁଣା ଅଙ୍ଗନୱାଡି ଘର ଜରାଜୀର୍ଣ୍ଣ ହୋଇପଡ଼ିଥିବାରୁ ନୂତନ ଘର ନିମନ୍ତେ ସରକାର ଅନୁଦାନ ଦେବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ନିର୍ମାଣ କାର୍ଯ୍ୟ ଶେଷ ହେବାର ଇତିମଧ୍ୟରେ ୩ବର୍ଷ ବିତିଯାଇଛି। ହେଲେ ବ୍ଲକ ପ୍ରଶାସନର ଅବହେଳା ଯୋଗୁ ଏହି ନୂତନ ଘର ବିଭାଗକୁ ହସ୍ତାନ୍ତର ହୋଇପାରି ନାହିଁ। ଏପରି କି ନିର୍ମାଣ କାର୍ଯ୍ୟ କରିଥିବା ଠିକାଦାର ତାଙ୍କ ଫାଇନାଲ ବିଲ୍ ପାଇ ନ ଥିବାରୁ ଘର ହସ୍ତାନ୍ତର ହୋଇ ନ ଥିବା ସୂଚନା ମିଳିଛି। ବିଭାଗୀୟ ଅବହେଳାରୁ ଏଭଳି ଜନହିତକର ପ୍ରକଳ୍ପ କାମରେ ନ ଲାଗିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ତୁରନ୍ତ ନୂତନ ଅଙ୍ଗନୱାଡି କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ କଣିହାଁ ବିଡିଓଙ୍କୁ ଯୋଗାଯୋଗ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ।



ନୂଆ ଅଙ୍ଗନୱାଡି କେନ୍ଦ୍ର।

# ଗାଁ ଗାଁରେ ପହଞ୍ଚିବ ଶିକ୍ଷାର ବାର୍ତ୍ତା



ସଚେତନତା ରଥକୁ ଉଦ୍‌ଘାଟନ କରାଯାଉଛି।

କଙ୍କଡ଼ାହାଡ଼,୧୮।୪(ଡି.ଏନ.ଏ.)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କଙ୍କଡ଼ାହାଡ଼ ଗୋଷ୍ଠୀ ଶିକ୍ଷାକେନ୍ଦ୍ରରେ ସୋମବାର ଶିକ୍ଷା ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ତହସିଲଦାର ରମେଶ ଚନ୍ଦ୍ର ଜେନା, ଶିକ୍ଷା ଉନ୍ନୟନ ଅଧିକାରୀ ହରିହର ଦେହୁରୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଙ୍କଡ଼ାହାଡ଼ ବ୍ଲକର ୨୧ଟି ପଞ୍ଚାୟତରେ ସଚେତନତା ରଥ ପହଞ୍ଚି ଗାଁ ଗାଁରେ ଶିକ୍ଷାର ବାର୍ତ୍ତା ପହଞ୍ଚାଇବ। ମୋ ସ୍କୁଲ, ସବୁଦିନ ସ୍କୁଲ ଯିବା, ମୋ ସ୍କୁଲ ସବୁଠାରୁ ସୁରକ୍ଷିତ ଓ ନିରାପଦ, ମଧ୍ୟାହ୍ନଭୋଜନ, ଆମ ଶିକ୍ଷା ଆମ ପ୍ରଗତି, ସବୁଦିନ ସ୍କୁଲ ଯିବା ନୂଆ କଥା ଶିଖିବା ଆଦି ଉପରେ ଏହି ରଥ ୫ ଦିନ ଧରି ବୁଲି ସଚେତନତା କରିବ।

# ନିଖୋଜ ନାବାଳିକା ଉଦ୍ଧାର

କଣିହାଁ,୧୮।୪(ଡି.ଏନ.ଏ)

କଣିହାଁ ବ୍ଲକ ସମଲ ଥାନା ଅଞ୍ଚଳରେ ପଣା ସଂକ୍ରାନ୍ତି ଯାତ୍ରା ଦେଖିବାକୁ ଯାଇ ଅପହରଣର ଶିକାର ହୋଇଥିବା ନାବାଳିକାଙ୍କୁ ସୋମବାର ସମଲ ପୋଲିସ ଉଦ୍ଧାର କରିଛି। ଏଥିସହିତ ଅପହରଣକାରୀ ବନମାଳୀ ନାୟକ(୨୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସମଲ ଥାନା ଅଞ୍ଚଳ କୁଲେଇ ଗ୍ରାମରେ ପଣାଯାତ୍ରା ଦିନ ଯାତ୍ରା ଦେଖିବାକୁ ଯାଇ ସମ୍ପୃକ୍ତା ନାବାଳିକା ଘରକୁ ଫେରି ନ ଥିଲେ। ଫଳରେ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନମ୍ବର ୧୧୨/୨୦୨୨ରେ ମାମଲା ରୁଜୁ ହୋଇଥିଲା। ଉଭୟ ନାବାଳିକା ଓ ଅପହରଣକାରୀଙ୍କୁ ସମଲ ପୋଲିସ ପାଲଲହଡା ଅଞ୍ଚଳରୁ ଉଦ୍ଧାର କରିବା ସହିତ ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ଅଭିଯୁକ୍ତ ପାଲଲହଡା ଅଞ୍ଚଳରୁ ଆସି ହଟିଂ ଅଞ୍ଚଳରେ ରହୁଥିଲେ। ତାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ପୋଲିସ ଏସ୍‌ଆଇ କମଳାକ୍ଷ ପ୍ରସାଦ ନାୟକ କହିଛନ୍ତି।

# ୨୨ ଅଭିଯୋଗ ଶୁଣିଲେ ଜିଲାପାଳ

**୨ ବର୍ଷ ପରେ ହେଲା ଅଭିଯୋଗ ଶୁଣାଣି**

ଅନୁଗୋଳ ଅଫିସ,୧୮।୪

ଅନୁଗୋଳ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍‌ଠାରେ ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଯୋଗ ଦେଇଥିଲେ। ଦାଖଲ ହୋଇଥିବା ୨୨ଟି ଅଭିଯୋଗରୁ ୧୮ ବ୍ୟକ୍ତିଗତ, ୩ ଗ୍ରାମ୍ୟଭିତ୍ତିକ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସମ୍ପର୍କିତ ଗୋଟିଏ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜଣଙ୍କୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ଚିକିତ୍ସା ନିମନ୍ତେ ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ସାଧାରଣତଃ ଜମିପଟ୍ଟା, ଶିକ୍ଷା, ରାସନ କାର୍ଡ, ପାନୀୟ ଜଳଯୋଗାଣ, ଗୋ-ଖାଦ୍ୟ ଯୋଗାଣ ଓ ବିଭିନ୍ନ ରୋଗର ଚିକିତ୍ସା ନିମନ୍ତେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଡେପୁଟି କଲେକ୍ଟର ବଲତୁରା ଦୀପ୍, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଡେପୁଟି କଲେକ୍ଟର (ନିର୍ବାଚନ) ମନିଷା ଗୁପ୍ତାଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

**ଫଟୋରେ ଖବର**



ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ରବିବାର ମା' ରାମଚଣ୍ଡି ମନ୍ଦିରରେ ଦୀପଦାନ କରାଯାଉଛି।

# ୧୭ କ୍ଲଷ୍ଟର ବୁଲିବ ରଥ



ଅତିଥିମାନେ ରଥକୁ ଉଦ୍‌ଘାଟନ କରୁଛନ୍ତି।

ଭୁବନ,୧୮।୪(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୋମବାର ଶିକ୍ଷାର ମୌଳିକ ଜ୍ଞାନ ଅଭିବୃଦ୍ଧି ଓ ଶିକ୍ଷା ସମ୍ପର୍କିତ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଏନ୍‌ଏସି ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁ ଯୋଗଦେଇ ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ବିଡିଓ ଆଶୀର୍ବାଦ ପରିଡ଼ା, ବ୍ଲକ ଶିକ୍ଷା ଅଧିକାରୀ ପ୍ରତାପ କୁମାର ଶତପଥୀ, ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୁଦ୍ରନାରାୟଣ ସାମଲ, ଏବିଓ, ସିଆରସିସିଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଶିକ୍ଷା ସଚେତନତା ରଥ ୧୭ କ୍ଲଷ୍ଟର ବୁଲି ଭାଷା, ଗଣିତର ମୌଳିକ ଜ୍ଞାନ ଅଭିବୃଦ୍ଧି ସମ୍ପର୍କରେ ସଚେତନତା ସୃଷ୍ଟି କରିବ। ପ୍ରଥମ ଦିନ ଏହି ରଥ ଏନ୍‌ଏସି ଓ ଭୁଷଳ କ୍ଲଷ୍ଟରର ଲୋକଙ୍କୁ ସଚେତନତା କରିଥିଲା। ଅନେକ ସ୍ଥାନରେ ସାଧାରଣ ଲୋକମାନେ ରଥ ସମ୍ପର୍କରେ ବୁଝାଶୁଝା କରିବା ସହିତ ରଥକୁ ବନ୍ଦାପନା କରିଥିବା ଦେଖାଯାଇଥିଲା।

# ଦୀପଜାଳି ଶୁଭ ମନାସିଲେ କର୍ମୀ

କଣିହାଁ,୧୯।୪(ଡି.ଏନ.ଏ.)

କଣିହାଁ ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ପ୍ରବାଦ ପୁରୁଷ ବିଜୁପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଥିଲା। ଏନ୍‌ଟିପିସି ଭୀମକାଣ୍ଡ ଶିବ ମନ୍ଦିରଠାରେ ବିଜେଡି କାର୍ଯ୍ୟକାରୀ ସଭାପତି ସୁନୀଲ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ନେଇ ବହୁ କର୍ମୀ ଓ ନିର୍ବାଚିତ ପ୍ରତିନିଧିଙ୍କ ସହିତ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲାପରିଷଦ ସଦସ୍ୟ ରଞ୍ଜନ ସାହୁ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ବରିଷ୍ଠ ଶିକ୍ଷାବିତ୍ ପ୍ରଦୀପ ପ୍ରଧାନ, କବି ହୃଷିକେଶ ସାହୁ ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ବିଜୁ ବାବୁଙ୍କ ନାମରେ ଗଢି ଉଠିଥିବା ଦଳର ସମୃଦ୍ଧି କାମନା କରି ଦୀପ ପ୍ରଜ୍ୱଳନ କରିଥିଲେ। ସେହିପରି ସମଲ ଚକ୍ରଶିଳା ଶିବ ପୀଠଠାରେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନଙ୍କ ଉଦ୍ୟମରେ ସ୍ଥାନୀୟ ଅଞ୍ଚଳର ସମିତି ସଦସ୍ୟ, ସରପଞ୍ଚ, ବିଜୁ ପ୍ରେମୀ ଯୋଗଦେଇ ଦୀପ ଜାଳି ଶୁଭ ମନାସୀ ଥିଲେ।



ଏନ୍‌ଟିପିସି ଭୀମକାଣ୍ଡ ଶିବ ମନ୍ଦିରଠାରେ ଦୀପ ଦାନ।

# ସହାୟକ କେନ୍ଦ୍ରରେ ତାଲା ଦେଖି କ୍ଷୋଭ

ଅନୁଗୋଳ ଅଫିସ,୧୮।୪

ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ଜଗମୋହନ ମୀନା ସୋମବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ବିଭିନ୍ନ ସେବାର ଅନୁଧ୍ୟାନ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରୋଗୀ ସହାୟକ କେନ୍ଦ୍ରରେ ତାଲା ପଡ଼ିଥିବା ଦେଖି ଜିଲାପାଳ କ୍ଷୋଭ ପ୍ରକାଶ କରିଥିଲେ। ରୋଗୀଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଉକ୍ତ କେନ୍ଦ୍ରଟିକୁ ଖୋଲା ରଖିବା ସହ ହେଲ୍‌ପ ଡେସ୍କ କର୍ମଚାରୀ ନିଯୋଜିତ କରିବାକୁ ଜିଲା ମୁଖ୍ୟଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ କାଜୁଆଲଟିକୁ ଆସୁଥିବା ସାଧାରଣ ରୋଗୀଙ୍କ ପାଇଁ ଆଉ ଏକ ଟିକେଟ କାଉଣ୍ଟର ଖୋଲିବାକୁ ପରାମର୍ଶ ଦେଇଥିଲେ। ସେହିପରି ଡିଡିସି (ନିରାମୟ) କେନ୍ଦ୍ରରେ ଥିବା



ଜିଲାପାଳ ଓ ଏସ୍‌ପି ମେଡିକାଲ ପରିଦର୍ଶନ କରୁଛନ୍ତି।

ମେଡିଶିନଗୁଡ଼ିକ ଠିକ ଭାବେ ଅଡିଟ୍ କରାଇବା ସହ ଏ ନେଇ ଷ୍ଟୋର ସହ ଯୋଗାଯୋଗରେ ରହି ପରିଚାଳନା କରିବାକୁ ଜିଲାପାଳ କହିଥିଲେ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା କୋଭିଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସିଷ୍ଟମର ସହାୟତା ନମ୍ବରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡର ନଂ. ମିଳାଇ ଲୋକଙ୍କୁ ସ୍ୱାସ୍ଥ୍ୟଜନିତ ସୂଚନା ଦେବାକୁ ପରାମର୍ଶ ଦେଇଥିଲେ। ଏହାକୁ କିପରି ପରିଚାଳନା କରାଯିବ ସେ ନେଇ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରିବାକୁ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ନୂତନ ଭାବେ ନିର୍ମାଣ ଚାଲିଥିବା ଓପିଡି ବିଲ୍ଡିଂ ଓ ଏନ୍‌ଆରସି ମେଡିକାଲ ଗୃହ ପରିଦର୍ଶନ କରିଥିଲେ। ଭିନ୍ନକ୍ଷମମାନଙ୍କୁ କିପରି ତୁରନ୍ତ ଚିକିତ୍ସା ପ୍ରଦାନ କରାଯିବ ସେ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ, ଏଡିଏମଓ (ମେଡିକାଲ) ମାନସ ରଞ୍ଜନ ବିଶ୍ୱାଳ, ମେଡିକାଲ ପରିଚାଳକ ଦେବାଶିଷ ଦାସ, ସୌମ୍ୟାଶ୍ରୀ ପ୍ରଧାନଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

